
ଧରିତ୍ରୀ
DHARITRI
February 11-17, 2024 ₹2/-
ଧରିତ୍ରୀ DHARITRI 50 Years

# ଛୁଟିଦିନ

# କେବଳ ତମେ ଓ ମୁଁ

ପ୍ରେମରେ ପଡ଼ିଲେ ପ୍ରେମୀଯୁଗଳଙ୍କ ପାଇଁ ସାଥୀମୟ ହୋଇଯାଏ ଦୁନିଆ। ଦୁହେଁ ଦୁହିଁଙ୍କୁ ଏକାନ୍ତ ଭାବେ ପାଇବା ପାଇଁ ଯେକୌଣସି ଅସମ୍ଭବକୁ ବି ସମ୍ଭବ କରି ଦେଖାନ୍ତି । ନିଜ ପ୍ରିୟ ମଣିଷକୁ ନେଇ ଏମିତି ଏକ ସ୍ଥାନକୁ ଚାଲିଯିବାକୁ ଚାହାନ୍ତି, ଯେଉଁଠି ବାଧା ଦେବାକୁ କେହି ନ ଥିବେ। କେବଳ ସେ ହିଁ ସେ ଥିବେ...


ପ୍ରଚ୍ଛଦ ପ୍ରସଙ୍ଗ ୩





# ସୁଖଶାନ୍ତି ପାଇଁ..

**ବେଳେବେଳେ ସେମିତି କିଛି କାରଣ ନଥାଇ ଛୋଟ ଛୋଟ କଥାରେ ବି ଘରେ ଅଶାନ୍ତି ସୃଷ୍ଟି ହୁଏ। ଘରୁ ସୁଖଶାନ୍ତି କୁଆଡ଼େ ହଜିଗଲା ଭଳି ଅନୁଭବ ହୁଏ। ଏହା ପଛରେ କିଛି ବାସ୍ତୁଦୋଷ ଥାଏ ବୋଲି ବିଶ୍ୱାସ କରାଯାଏ। ଏହି ବାସ୍ତୁଦୋଷକୁ ସହଜ ଉପାୟରେ କିପରି ଠିକ୍ କରିହେବ ଜାଣନ୍ତୁ ସେ ସମ୍ପର୍କରେ...**



* ଠାକୁରଘରେ ମା' ଲକ୍ଷ୍ମୀଙ୍କ ପାଖରେ ଶ୍ରୀଯନ୍ତ୍ର କିମ୍ବା ନାଲି କପଡ଼ାରେ ଗୁଡ଼ା ହୋଇଥିବା ନଡିଆ ରଖିଲେ ବାସ୍ତୁଦୋଷ ଦୂର ହୋଇ ପରିବାରରେ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରଯାଏ।

* ସେହିପରି କୁହାଯାଏ, ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜାଳିଲେ ବାସ୍ତୁଦୋଷ ଖଣ୍ଡନ ହେବା ସହ ଘରେ ଶାନ୍ତି ବଢିଥାଏ।

* ଅନ୍ୟପକ୍ଷେ ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜୀମା ଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ର କହେ।

* ଘରର ଡ୍ରଇଁ ରୁମ୍‌ରେ ସନ୍ଥ ମହାତ୍ମାଙ୍କ ଆଶୀର୍ବାଦ ଭଙ୍ଗୀର ଫଟୋ ଲଗାଇବା ବି ଘର ପାଇଁ ଶୁଭ ହୋଇଥାଏ।

* ଘରର ଉତ୍ତର ଦିଗରେ ତୁଳସୀ କିମ୍ବା ଅଁଳା ଗଛ ଲଗାଇଲେ ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ। ତା'ସହିତ ସମ୍ପର୍କରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାସ ରହିଛି।

* ପଞ୍ଚମୁଖୀ ହନୁମାନଙ୍କର ପ୍ରତିମା ହେଉ ଅବା ଫଟୋକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିଲେ, ଘରକୁ କୌଣସି ନକରାତ୍ମକ ଉର୍ଜ୍ଜା ପ୍ରବେଶ କରିପାରେନା ; ଯଦ୍ଦ୍ୱାରା ଘରେ ଶାନ୍ତି ବଜାୟ ରହେ।

* ଯୁଦ୍ଧ ଚିତ୍ର, କାନ୍ଦିବା ଫଟୋ କିମ୍ବା କୌଣସି ଅଶୁଭ ଜିନିଷର ଫଟୋକୁ ଘରେ ଲଗାଇଲେ ବି ପରିବାରରେ ଅଶାନ୍ତି ଦେଖାଦିଏ। ତେଣୁ ଏଥିରୁ ନିବୃତ୍ତ ରହିବା ଆବଶ୍ୟକ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୧-୧୭

**ମେଷ**



ଦୂରଯାତ୍ରାରେ ସଫଳତା, ଋଣଭାର ବୃଦ୍ଧି ପାଇବ, ରାଜନୈତିକ ଉଷ୍ମତା, ପାରିବାରିକ ମତାନ୍ତର, ମାନସିକ ଅସ୍ଥିରତା, ଅଶାନ୍ତ ବାତାବରଣ, ସହକର୍ମୀଙ୍କ ପ୍ରେରଣା, ସାହିତ୍ୟ କୃତିରୁ ପ୍ରଶଂସା, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ ॥

**ବୃଷ**



ଶାରୀରିକ ସୁସ୍ଥତା, ନୂତନ ବନ୍ଧୁତା ସ୍ଥାପନ, ସହକର୍ମୀଙ୍କ ଅସହଯୋଗ, ବିଶୃଙ୍ଖଳିତ କାର୍ଯ୍ୟ, ପାରିବାରିକ ଅସହମତି, ପ୍ରଶାସନିକ ସଫଳତା, ବନ୍ଧୁଙ୍କ ଅନାସ୍ଥା ଭାବ, ଅର୍ଥସମ୍ପର୍କୀୟ ବିବାଦ, ବିବାଦରେ ବିଜୟ ॥

**ମିଥୁନ**



କର୍ମକ୍ଷେତ୍ରରେ ବିବାଦ, ସ୍ୱାସ୍ଥ୍ୟରେ ଅବନତି, ପାରିବାରିକ ଆକ୍ଷେପୋକ୍ତି, ଅତୀତକର୍ମର ଅନୁଚିନ୍ତା, ସାହାଯ୍ୟ ସହଯୋଗପ୍ରାପ୍ତି, ସାମୂହିକ ଆଲୋଚନା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଆର୍ଥିକ ଅଭିବୃଦ୍ଧି, ପାରିବାରିକ ଦ୍ୱନ୍ଦ୍ୱ ॥

**କର୍କଟ**



ସୁସ୍ଥଚିନ୍ତାଧାରା, କର୍ମଦକ୍ଷତା ବୃଦ୍ଧି, ଶୁଭକାର୍ଯ୍ୟ ଆରମ୍ଭ, ପ୍ରତିଯୋଗୀତାରୁ କଳହ, ବିଦେଶ ଯାତ୍ରାର ସୁଯୋଗ, ଯାତ୍ରା ସମୟରେ ଝଗଡା, ଉପରିସ୍ଥଙ୍କ ପରାମର୍ଶ, ଆତ୍ମୀୟଙ୍କ ଅପପ୍ରଚାର, ରୋଗପୀଡା ବୃଦ୍ଧି ॥

**ସିଂହ**



ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ସାହାଯ୍ୟ, ନୂତନ ଯୋଜନାରମ୍ଭ, ଲୋକ ସମର୍ଥନ, ଆର୍ଥିକ ସହଯୋଗ, ସମ୍ପର୍କୀୟଙ୍କ ବଦାନ୍ୟତା, ରାଜନୈତିକ ପୃଷ୍ଠପୋଷକତା, କଚେରୀ ମାମଲାର ଫଇସଲା, ନୂତନଗୃହ ନିର୍ମାଣ, ଯାନବାହନ ମରାମତି ॥

**କନ୍ୟା**



ସମସ୍ୟା ସମାଧାନ, ପଡୋଶୀଙ୍କ ପରାମର୍ଶ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ଲକ୍ଷ୍ୟପୂରଣରୁ ଆନନ୍ଦ, ନିର୍ମାଣର ପୂର୍ଣ୍ଣତା, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, କ୍ରନିକରୋଗରେ ପୀଡା, ମାନସିକ ଅସ୍ଥିରତା, ପଦୋନ୍ନତିର ସୂଚନା, ଗଠନମୂଳକ କାର୍ଯ୍ୟ, ଧର୍ମକାର୍ଯ୍ୟରେ ରୁଚି ॥

**ତୁଳା**



ସମୟୋଚିତ ପଦକ୍ଷେପ, ନୂତନ ପ୍ରକଳ୍ପାରମ୍ଭ, ବିବାଦ ଘନେଇବ, ସାମାଜିକ ସ୍ୱୀକୃତି, ମାନସିକ ଅସ୍ଥିରତା, ସମସ୍ୟାର ସମାଧାନ, ପାରିବାରିକ ସଦ୍‌ଭାବ, ସମ୍ପର୍କରେ ଉନ୍ନତି, ପ୍ରକାଶନରେ ବିଳମ୍ବ, ଭ୍ରାତୃସମ୍ପର୍କରେ ଉନ୍ନତି ॥

**ବିଛା**



ସହକର୍ମୀଙ୍କ ବଦାନ୍ୟତା, ସ୍ଥଗିତ କାର୍ଯ୍ୟାରମ୍ଭ, ଧାରକରଜ କରିବେ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ବନ୍ଧୁଙ୍କ ସହୃଦୟତା, ଆତ୍ମୀୟଙ୍କ ସୁପରାମର୍ଶ, ପରିବହନରେ ଉନ୍ନତି, କର୍ମକ୍ଷେତ୍ରରେ ଦକ୍ଷତା, ସ୍ଥାନ ପରିବର୍ତ୍ତନର ଯୋଜନା ॥

**ଧନୁ**



ପରିସ୍ଥିତିକୁ ସଜାଡିନେବେ, କାର୍ଯ୍ୟହାନୀରୁ ମନସ୍ତାପ, ଶୁଭକାର୍ଯ୍ୟରେ ପ୍ରତିରୋଧ, ମାନସିକ ଦ୍ୱନ୍ଦ୍ୱ ଦୂର ହେବ, ନୂତନ ଗୃହାରମ୍ଭ, ଅର୍ଥନୈତିକ ଅଭିବୃଦ୍ଧି, ସମ୍ପର୍କୀୟଙ୍କ ପରାମର୍ଶ, ପାରିବାରିକ ମନାନ୍ତର, କଳାସାହିତ୍ୟରେ ପ୍ରଶଂସା ॥

**ମକର**



ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁମିଳନରୁ ଆନନ୍ଦ, ଦୃଢ ପଦକ୍ଷେପ ନେବେ, ସ୍ୱଜନଙ୍କ ସହଯୋଗ, ବ୍ୟବସାୟରେ ଉନ୍ନତି, ନୀଚସଙ୍ଗରୁ ଅପଯଶ, ସହକର୍ମୀଙ୍କ ସହଯୋଗ, ପରିବହନରେ ଝଗଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ଆନୁଷ୍ଠାନିକ କର୍ମରୁ ସମ୍ମାନ ॥

**କୁମ୍ଭ**



କାର୍ଯ୍ୟଦକ୍ଷତାରୁ କର୍ମଜଞ୍ଜାଳ ବୃଦ୍ଧି, ସହଯୋଗ ମିଳିବନି, ସ୍ୱଜନ ଶତ୍ରୁତା, ଅପମାନିତ ହୋଇପାରନ୍ତି, ନୀଚଜନଙ୍କ ବିରୋଧ, ଯୋଗସାଧନାରେ ରୁଚି, ଉତ୍ସବାନୁଷ୍ଠାନକୁ ଆମନ୍ତ୍ରଣ, ଦ୍ରବ୍ୟ ଲାଭରୁ ଆନନ୍ଦ, ଧର୍ମକାର୍ଯ୍ୟରେ ନିଷ୍ଠା ॥

**ମୀନ**



ମାନସିକ ଅଶାନ୍ତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପରିଜନଙ୍କ ପରାମର୍ଶ, କାମ ଅଟକିବ ନାହିଁ, ଦୂରଯାତ୍ରାର ଆଲୋଚନା, ଜମିଜମା କ୍ରୟ, ମାମଲା ଫଇସଲା ହେବ, ନୂତନ ଚୁକ୍ତିପତ୍ର ସମ୍ପାଦନ, ଆଇନ ସହାୟତା, ସଭାସମିତିକୁ ନିମନ୍ତ୍ରଣ, ସୁଯୋଗ ହରାଇପାରନ୍ତି ॥

# ସ୍ୱାସ୍ଥ୍ୟୋପଯୋଗୀ ଡାଳିମ୍ବ

**ଡା**ଳିମ୍ବରେ ରକ୍ତଚାପକୁ ନିୟନ୍ତ୍ରଣ କରିବା, ମାନସିକ ଚାପରୁ ମୁକ୍ତି ଦେବା ତଥା ତ୍ୱଚାକୁ ସୁନ୍ଦର ରଖିବାର ବେଶ୍ ଚମତ୍କାରୀ ଗୁଣ ଭରି ରହିଥାଏ। ତା'ଛଡ଼ା ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ଥିବାରୁ, ଏହାକୁ ଖାଇଲେ ଗଣ୍ଠି ଫୁଲା ଜନିତ କଷ୍ଟରୁ କିଛିକାଂଶରେ ମୁକ୍ତି ମିଳିଥାଏ। ତେଣୁ ଯେଉଁ ବ୍ୟକ୍ତିମାନେ ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟାରେ ପିଡ଼ୀତ, ସେମାନେ ପ୍ରତିଦିନ ଗୋଟିଏ ଲେଖାଏଁ ଡାଳିମ୍ବର ଜୁସ୍ ବାହାର କରି ପିଇବା ସର୍ବୋତ୍ତମ। ସେହିପରି କୁହାଯାଏ, ନିୟମିତ ଡାଳିମ୍ବ ଜୁସ୍ ପିଇଲେ ଉଚ୍ଚରକ୍ତ ଚାପ ସମସ୍ୟା ସହ ଲଢିବା ଲାଗି ଶରୀରକୁ ଉପଯୁକ୍ତ ଶକ୍ତି ମିଳିଥାଏ। ଅନ୍ୟପକ୍ଷେ ଆଉ କିଛି ପରୀକ୍ଷଣରୁ ଜଣାଯାଇଛି ଯେ, ନିୟମିତ ଡାଳିମ୍ବ ଖାଇବା ଦ୍ୱାରା ପ୍ରୋଷ୍ଟେଟ୍, ବ୍ରେଷ୍ଟ, ଲଙ୍ଗ୍ସ ତଥା କୋଲନ୍ କ୍ୟାନସର୍ ହେବାର ଆଶଙ୍କା କେତେକାଂଶରେ କମିଯାଏ। ଏହାବାଦ୍ ଡାଳିମ୍ବରେ ଯେହେତୁ ଫାଇବର୍ ରହିଥାଏ, ତେଣୁ ଏହା ଶରୀରର ଓଜନ କମାଇବା, କୋଲେଷ୍ଟ୍ରାଲ୍‌କୁ ନିୟନ୍ତ୍ରଣରେ ରଖିବା ଏବଂ ଖାଦ୍ୟ ହଜମ କରାଇବାରେ ବି ବେଶ୍ ଉପକାରୀ ହୋଇଥାଏ। ଏହାଛଡ଼ା ଡାଳିମ୍ବ ଖାଇଲେ ଶରୀରରେ ଆଇରନ୍‌ର ମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସ୍ମରଣଶକ୍ତି ବି ବଢିଥାଏ ବୋଲି ବିଶ୍ୱାସ କରାଯାଏ।



# ପାଠକୀୟ

* ଅନେକ ଅଛନ୍ତି ଯେଉଁମାନେ କେବଳ ଖବରକାଗଜ ପଢନ୍ତି ନାହିଁ, ତାକୁ ସାଇତି ରଖିବାରେ ବି ବେଶ୍ ରୁଚି ରଖନ୍ତି। ସେ ପୁଣି ନିଜ ପସନ୍ଦ ହିସାବରେ ସ୍ୱତନ୍ତ୍ର ବିଷୟକୁ ନେଇ ; ଯାହା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପରିଚୟ ଦେଇଛି ଖବରକାଗଜ'ଟି ବେଶ୍ ମନଛୁଆଁ ହୋଇଥିଲା। 'କରଜମୁକ୍ତ ଜୀବନ ପାଇଁ', 'କଳାଜାଇରୁ ଜାଣନ୍ତୁ ବ୍ୟକ୍ତିତ୍ୱ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***- ସ୍ୱପ୍ନାଶ୍ରୀ ସାହୁ, ବାସେଳି ସାହି, ପୁରୀ***

* ଖବରକାଗଜ ହେଉଛି ସମାଜର ଦର୍ପଣ। ଏମିତି କେତେଜଣ ଅଛନ୍ତି ଯେଉଁମାନେ ଖବରକାଗଜ ପଢିବା ସହ ତାକୁ ସାଇତି ମଧ୍ୟ ରଖିଥାନ୍ତି। ଏମିତିକି ଖବରକାଗଜ ସଂଗ୍ରହ କରିବା ପାଇଁ ବର୍ଷ ବର୍ଷ ଧରି ଘୁରି ବୁଲିଛନ୍ତି ବିଭିନ୍ନ ସ୍ଥାନକୁ ; ଯେଉଁଥିପାଇଁ ବିଭିନ୍ନ କ୍ଷେତ୍ରରୁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର। ତା'ସହିତ ପାଇଛନ୍ତି ଭିନ୍ନ ପରିଚୟ ; ଯାହାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ନିଆରା ହୋଇଥିଲା। 'ଭକ୍ତି ଉପହାର' ଶୀର୍ଷକ ଲେଖାଟି ବି ହୃଦୟସ୍ପର୍ଶୀ ଥିଲା। ***- ରଶ୍ମୀରଞ୍ଜନ ମହାନ୍ତି, ସମ୍ବଲପୁର***

* ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରାବନ୍ଧିକ, ଲେଖକ, ଗବେଷକ, ଐତିହାସିକ ତଥା ଅଧ୍ୟାପକ ଜନ୍ମେଜୟ ଚୌଧୁରୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ରାଜଧାନୀ: ଦୁଇଟି ସ୍କେଚ୍' ଶୀର୍ଷକ ଗପଟି ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା। ଶିଶୁ ସାହିତ୍ୟିକ ଡ.ହେମନ୍ତ କୁମାର ଛୋଟରାୟଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

***- ପୀତବାସ ରାଉତରାୟ, ଖୋର୍ଦ୍ଧା***

* ଲାଇଫଷ୍ଟାଇଲ୍ ପୃଷ୍ଠାରୁ 'ପୁରୁଣା ଶାଲ୍‌ର ନୂଆ ଲୁକ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ମଡେଲ୍ ମିରର୍‌ରେ 'ସୋନା' ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା। ସାଥୀର ଉତ୍ତରଗୁଡ଼ିକ ରୋମାଣ୍ଟିକ୍‌ଭରା ଲାଗୁଥିଲା। ସହର ପୃଷ୍ଠାରୁ ମଦୁରାଇ ଗାନ୍ଧୀ ମ୍ୟୁଜିୟମ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

***- ପ୍ରତ୍ୟୁଷ ବିଶ୍ୱାଳ, କେନ୍ଦ୍ରାପଡ଼ା***

* ବିବିଧା ପୃଷ୍ଠାରେ ସ୍ଥାନିତ 'ବାଦୁଡ଼ି ଓଲଟା ଝୁଲେ କାହିଁକି' ଓ 'ମୁଡମେଟ୍ରିକ ରିଙ୍ଗ' ଶୀର୍ଷକ ଲେଖା ଦୁଇଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ଚିନ୍ମୟ ଚିନ୍ତନ ପୃଷ୍ଠାରେ ସ୍ଥାନିତ 'ରାବଣ ଦେହରେ ମୁଁ କାହିଁକି ନିଆଁ ଲଗାଇଥାନ୍ତି ଯେ ?' ପାଠଟି ମନଛୁଆଁ ହେବା ସହ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରୋବୋ ସୁଟକେଶ୍', 'ନାକରେ ମାରନ୍ତି ହ୍ୱିସିଲ', '୧୦୦ ବର୍ଷୀୟା ଡ୍ୟାନ୍ସର' ଶୀର୍ଷକ ଲେଖାଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହିତ ଆଶ୍ଚର୍ଯ୍ୟକର ଥିଲା। ***- ମୌସୁମୀ ଶତପଥୀ, ଭୁବନେଶ୍ୱର***

## ବିଶେଷ ଚିଠି



ପରିଚୟ ଦେଇଛି ଖବରକାଗଜ
ଥିଲା ଏକ ନିଆରା ଆଲେଖ୍ୟ।
ଶିଖାଇଲା ଅନେକ କଥା
ମନେ ଭରିଲା ଅପୂର୍ବ ଆନନ୍ଦ।
ତା' ସାଙ୍ଗକୁ ପୁଣି ସିନେମା ଓ ସୃଜନ
ଆହୁରି ନିଆରା ଥିଲା ସାଥୀର ଲେଖାମାନ।
ବିବିଧା ଓ ବ୍ୟାକ୍‌ପେଜ୍ ବି ଲାଗୁଥିଲା ବଢିଆ
ସେଥିପାଇଁ ଛୁଟିଦିନ ତୁମକୁ ମାରେ ମୁଣ୍ଡିଆ।

***- ଗୀତାଞ୍ଜଳି ମହାପାତ୍ର, କୋଏଲ୍ ନଗର, ରାଉରକେଲା***

**ଧରିତ୍ରୀ ଛୁଟିଦିନ**


**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

**ସୂଚନା** ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କେବଳ ତମେ ଓ ମୁଁ





ଯୋଗେଶ୍ୱର- ସୁଷମା

**ପ୍ରେମରେ ପଡ଼ିଲେ ପ୍ରେମୀଯୁଗଳଙ୍କ ପାଇଁ ସାଥୀମୟ ହୋଇଯାଏ ଦୁନିଆ। ଦୁହେଁ ଦୁହିଁଙ୍କୁ ଏକାନ୍ତ ଭାବେ ପାଇବା ପାଇଁ ଯେକୌଣସି ଅସମ୍ଭବକୁ ବି ସମ୍ଭବ କରି ଦେଖାନ୍ତି। ନିଜ ପ୍ରିୟ ମଣିଷକୁ ନେଇ ଏମିତି ଏକ ସ୍ଥାନକୁ ଚାଲିଯିବାକୁ ଚାହାନ୍ତି, ଯେଉଁଠି ବାଧା ଦେବାକୁ କେହି ନ ଥିବେ। କେବଳ ସେ ହିଁ ସେ ଥିବେ। ଏହା କେବଳ କଳ୍ପନାର କଥା ନୁହେଁ। ଏଇ କଥାକୁ ସତ ବି କରିଛନ୍ତି ଏହି ଦମ୍ପତିମାନେ। ଯାହାଙ୍କ ପାଖରେ ନା ବୟସ, ନା ଅର୍ଥ କିଛି ବି ପ୍ରତିବନ୍ଧକ ସାଜିପାରିନି।**

## ଚା' ବିକି ବିଦେଶ ଭ୍ରମଣ କରିଥିବା ଦମ୍ପତି

କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା ! ହେଲେ ଏହାକୁ ଦିନେ ସତ ବୋଲି ପ୍ରମାଣ କରି ଦେଖାଇ ଦେଇଥିଲେ କେରଳର କୋଚି ଅଞ୍ଚଳର ବାସିନ୍ଦା କେଆର୍ ବିଜୟନ୍ ଏବଂ ତାଙ୍କ ଧର୍ମପତ୍ନୀ ମୋହନା। ପେସାରେ ବିଜୟନ୍ ଥିଲେ ଜଣେ ଚା ବିକାଳି। କୋଚିରେ ଥିଲା ତାଙ୍କର ଏକ ଚା ଷ୍ଟଲ୍। ପରିବାରର ବୋଝ ସମ୍ଭାଳିବାକୁ ଖୁବ୍ କମ୍ ବୟସରୁ ବିଜୟନ୍ ଏହି ଦୋକାନ କରିଥିଲେ। ବାହାଘର ପରେ ଦୋକାନ ଚଳେଇବାରେ ମୋହନା ତାଙ୍କୁ ପୂର୍ଣ୍ଣ ସହଯୋଗ କଲେ। ଚା ଭଲ ଟେଷ୍ଟି କରୁଥିବାରୁ ବିଜୟନ୍‌ଙ୍କ ଦୋକାନରେ ଗ୍ରାହକଙ୍କର ସବୁବେଳେ ଭିଡ଼ ଜମୁଥିଲା। ଏହି ଦୋକାନରୁ ଯାହା ରୋଜଗାର ହେଉଥିଲା, ସେଥିରେ ପରିବାର ପ୍ରତିପୋଷଣ କରିବା ସହ ଉଭୟ ବିଜୟନ୍ ଓ ମୋହନା କିଛି କିଛି ପଇସା ମଧ୍ୟ ସଞ୍ଚୟ କରୁଥିଲେ ନିଜ ପାଇଁ। କାରଣ ଉଭୟଙ୍କର ଇଚ୍ଛା ଥିଲା ଯେତେବେଳେ ପିଲାମାନେ ବଡ଼ ହୋଇ ନିଜ ନିଜ ଗୋଡ଼ରେ ଠିଆ ହୋଇଯିବେ, ସେତେବେଳକୁ ତାଙ୍କ ପାଖରେ ବି କିଛି ବଡ଼ ଆକାରର ଜମା ପୁଞ୍ଜି ହୋଇଯାଇଥିବ। ଆଉ ସେହି ପଇସାରେ ସେମାନେ ବିଦେଶ ବୁଲିଯିବେ। ବିଦେଶ ବୁଲି ଦେଖିବାର ନିଶା ଉଭୟ ପତିପତ୍ନୀଙ୍କର ଥିଲା। ଏହି ସୁଯୋଗ ସେମାନଙ୍କୁ ୨୦୦୭ରେ ମିଳିଲା। ସେମାନେ ପ୍ରଥମେ ଇସ୍ରାଏଲ୍ ବୁଲିଗଲେ। ବାସ୍ ତା'ପରଠୁ ସେମାନେ ଆଉ ଅଟକି ନାହାନ୍ତି। ପ୍ରତିଥର ବୁଲି ଆସିଲା ପରେ ପୁଣି ଟଙ୍କା ସଞ୍ଚୟ କରନ୍ତି ଆଉ ଗୋଟେ ନୂଆ ଜାଗାକୁ ବୁଲିଯିବା ପାଇଁ। ଏହି ଦମ୍ପତି ବ୍ରିଟେନ୍, ଫ୍ରାନ୍ସ, ଅଷ୍ଟ୍ରିଆ, ଇଜିପ୍ଟ, ୟୁଏଇ, ୟୁଏସ୍, ଅଷ୍ଟ୍ରେଲିଆ ଇତ୍ୟାଦି ପ୍ରାୟ ୨୫ଟି ଦେଶ ବୁଲିଛନ୍ତି। ଯେହେତୁ ଏହି ଦମ୍ପତିଙ୍କୁ ଇଂଲିଶ ସେତେ ଜଣା ନଥିଲା ସେଥିପାଇଁ ଏମାନେ ଟ୍ରାଭେଲ୍ ଏଜେନ୍ସି ସହାୟତାରେ ହିଁ ବିଭିନ୍ନ ଦେଶ ବୁଲିବାକୁ ଯାଉଥିଲେ। ତେବେ ସେ ଯାହାବି ହେଉ ୭୦ ବର୍ଷ ବୟସରେ ବି ବିଜୟନ୍ ଓ ମୋହନା ଏତେ ଫିଟ୍ ଥିଲେ ଯେ, ତାଙ୍କର ବୁଲିବାର ନିଶା କମୁ ନଥିଲା। ହେଲେ ଦୁର୍ଭାଗ୍ୟ ୨୦୨୧ ମସିହାରେ ହାର୍ଟ ଆଟାକ୍ ଯୋଗୁ ହଠାତ୍ ବିଜୟନ୍‌ଙ୍କର ମୃତ୍ୟୁ ହେଲା। ପତ୍ନୀଙ୍କୁ ଧରି ଆଉ କିଛି ନୂଆ ଦେଶ ବୁଲିବାର ଯେଉଁ ଆଶା ତାଙ୍କର ଥିଲା ତାହା ଆଶାରେ ହିଁ ରହିଗଲା। ତେବେ ସେ ଯାହା ହେଉ ବାର୍ଦ୍ଧକ୍ୟାବସ୍ଥାରେ ବି ବିଜୟନ୍ ଓ ମୋହନା ଯେଉଁ ଭଲ ପାଇବା ସହକାରେ ନୂଆ ନୂଆ ଦେଶ ଭ୍ରମଣ କରୁଥିଲେ ; ତାହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରେ।

## ବୁଲେଟ୍ ଦମ୍ପତି

ଦିଲ୍ଲୀର ଯୋଗେଶ୍ୱର ଓ ସୁଷମା ଭଲ୍ଲା। ଉଭୟଙ୍କୁ ବୟସ ପାଖାପାଖି ୭୦ ହେବ। ଏହି ବୟସରେ ସାଧାରଣତଃ କେତେଜଣ ଲୋକ ବାର୍ଦ୍ଧକ୍ୟାବସ୍ଥା ଯୋଗୁ ରୋଗଗ୍ରସ୍ତ ହୋଇପଡ଼ିଥାନ୍ତି ତ ଆଉ କେତେକଙ୍କଠାରେ ଆଣ୍ଠୁଗଣ୍ଠି ବିନ୍ଧା ସମସ୍ୟା ଦେଖାଯାଇଥାଏ। ହେଲେ ଯୋଗେଶ୍ୱର ଓ ସୁଷମାଙ୍କ କ୍ଷେତ୍ରରେ କିନ୍ତୁ କିଛିଟା ଭିନ୍ନତା ଦେଖିବାକୁ ମିଳେ। ଏ ବୟସରେ ବି ସେମାନେ ଏତେ ଫିଟ୍ ଯେ, ବୁଲେଟ୍ ଚଲାଇ ବିଭିନ୍ନ ସ୍ଥାନ ବୁଲିବାରେ ସେମାନଙ୍କର ରହିଛି ରୁଚି। ବୁଲେଟ୍ ଚଲେଇବାର ସଉକ ଯୋଗେଶ୍ୱରଙ୍କର ପିଲାଟି ଦିନରୁ ଥିଲା। କେବଳ ବୁଲେଟ୍ ଚଲେଇବା ନୁହେଁ ନୂଆ ନୂଆ ସ୍ଥାନ ବୁଲିବାକୁ ମଧ୍ୟ ଯୋଗେଶ୍ୱରଙ୍କୁ ଭଲ ଲାଗେ। କାରଣ ତାଙ୍କ ମା'ବାପା ବି ଥିଲେ ଖୁବ୍ ଭ୍ରମଣପ୍ରିୟ। ଚାକିରିରୁ ଫୁର୍‌ସତ୍ ମିଳିଲେ ପରିବାରକୁ ନେଇ ସେମାନେ ବିଭିନ୍ନ ସ୍ଥାନ ବୁଲିବାକୁ ଯାଉଥିଲେ। ଯୋଗେଶ୍ୱରଙ୍କର ଯେତେବେଳେ ଗାଡ଼ି ନ ଥିଲା ସେ ସାଇକେଲ୍ ଧରି ଘର ପାଖରେ ଥିବା ବିଭିନ୍ନ ଜାଗାକୁ ବୁଲି ଯାଉଥିଲେ। ତାଙ୍କ ବଡ଼ ଭାଇଙ୍କର ଯେବେ ଗାଡ଼ି କିଣାହେଲା, ସେ ତାକୁ ସବୁବେଳେ ଦେଖୁଥିଲେ। ମାତ୍ର ୧୭ ବର୍ଷ ବୟସରେ ଯୋଗେଶ୍ୱର ପ୍ରଥମେ ଏକ ବୁଲେଟ୍ ଚଲେଇବାର ସୁଯୋଗ ପାଇଲେ ; ଯାହାକି ତାଙ୍କୁ ଖୁବ୍ ଆନନ୍ଦ ଦେଇଥିଲା। ତା'ପରଠୁ ସେ ବୁଲେଟ୍ ପ୍ରେମରେ ଏମିତି ପଡ଼ିଗଲେ ଯେ, ସେ ଚାକିରି କରି ଯେବେ ପ୍ରଥମ ଦରମା ପାଇଲେ, କାହାରିକୁ କିଛି ନ ଜଣାଇ ଫାଇନାନ୍ସରେ ଏକ ବୁଲେଟ୍ କିଣିଦେଲେ। ବାସ୍ ତା'ପରଠୁ ଯେତେବେଳେ ଯୁଆଡ଼େ ଇଚ୍ଛା ହେଉଥିଲା ସେ ଏହି ବୁଲେଟ୍ ଧରି ବୁଲିବାକୁ ବାହାରି ଯାଉଥିଲେ। ଏମିତିରେ ୧୯୭୬ରେ ତାଙ୍କର ସୁଷମାଙ୍କ ସହ ବିବାହ ହେଲା। ଯୋଗେଶ୍ୱରଙ୍କ ପରି ସୁଷମା ବି ବୁଲିବାକୁ ଭଲ ପାଉଥିଲେ। ଏକଥା ଜାଣିବା ପରେ ଯୋଗେଶ୍ୱର ଦିନେ ସୁଷମାଙ୍କୁ ନେଇ ନିଜ ବୁଲେଟ୍‌ରେ ଶ୍ରୀନଗର ହନିମୁନ୍ ଟ୍ରିପ୍‌ରେ ବାହାରିଗଲେ ; ଯାହାକି ଉଭୟଙ୍କୁ ଏକ ନିଆରା ଖୁସି ଦେଇଥିଲା। ବାସ୍ ତା'ପରଠୁ ଯୋଗେଶ୍ୱର ଓ ସୁଷମା ଯୁଆଡ଼େ ବି ବୁଲି ଯାଆନ୍ତି ତାଙ୍କର ଏହି ବୁଲେଟ୍‌ରେ ହିଁ ଯାଆନ୍ତି। ଏପରି କି ସେମାନଙ୍କର ପିଲା ହେଲାପରେ ବି ସେମାନେ ତାଙ୍କୁ ବି ଭାରତର କେତେକ ସ୍ଥାନକୁ ଏହି ବୁଲେଟ୍‌ରେ ଧରି ବୁଲିବାକୁ ଯାଇଛନ୍ତି। ଯା'ଭିତରେ ସେମାନଙ୍କ ପିଲା ବଡ଼ ହୋଇ ନିଜ ଗୋଡ଼ରେ ନିଜେ ଠିଆ ହୋଇଗଲେଣି। ତା'ସାଙ୍ଗକୁ ଯୋଗେଶ୍ୱରଙ୍କର ଚାକିରି ବି ସରିଗଲାଣି। ତେଣୁ ସେମାନଙ୍କ ହାତରେ ସମୟ ହିଁ ସମୟ ଅଛି। ସେଥିପାଇଁ ସେମାନେ ଅଯଥା ସମୟ ନଷ୍ଟ ନ କରି ୱାର୍ଲ୍ଡ ଟୁର୍ କରିବାକୁ ପ୍ଲାନିଂ କରିଛନ୍ତି। ଏ କ୍ଷେତ୍ରରେ ସେମାନଙ୍କ ପିଲାମାନେ ବି ତାଙ୍କୁ ପ୍ରେରଣା ଦେଉଛନ୍ତି। ଯେଉଁଥିପାଇଁ ଯା' ଭିତରେ ଯୋଗେଶ୍ୱର ଓ ସୁଷମା ବୁଲେଟ୍ ଯୋଗେ



ମୋହନା-ବିଜୟନ୍



ଭାରତର ପ୍ରାୟ ସବୁ ରାଜ୍ୟ ବୁଲିସାରିବା ସହିତ ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ଦେଶ ମଧ୍ୟ ବୁଲି ଦେଖିସାରିଲେଣି। ତେବେ ଯେଉଁ ସ୍ଥାନକୁ ବୁଲେଟ୍‌ରେ ଯିବା ସମ୍ଭବ ହେଉଛି ସେମାନେ ବୁଲେଟ୍ ନେଇ ଯାଉଛନ୍ତି ; ନଚେତ୍ ଦୂର ସ୍ଥାନକୁ ଫ୍ଲାଇଟ୍ ହେଉ କିମ୍ବା ଟ୍ରେନ୍ ଯୋଗେ ପଳାଉଛନ୍ତି। କିନ୍ତୁ ଡେଷ୍ଟିନେଶନ୍‌ରେ ପହଞ୍ଚିଲା ପରେ ସେଠାକାର ଆଖପାଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଭଡ଼ାରେ ବାଇକ୍ ହେଉ କିମ୍ବା ତିନିଚକିଆ ଅଥବା ଚାରିଚକିଆ ଯାନ ଆଣି ନିଜେ ଯୋଗେଶ୍ୱର ତାହାକୁ ଚଲାଇ ସୁଷମାଙ୍କୁ ନେଇ ବୁଲିଯିବାକୁ ପସନ୍ଦ କରିଥାନ୍ତି। ଯୋଗେଶ୍ୱର ଓ ସୁଷମାଙ୍କ ଏହି ଭଲ ପାଇବାକୁ ଦେଖି କେହି କେହି ତାଙ୍କୁ ବୁଲେଟ୍ କପ୍‌ଲ କୁହନ୍ତି ତ ଆଉ କିଏ ତାଙ୍କୁ ଏନର୍ଜେଟିକ୍ ରୋମାଣ୍ଟିକ୍ କପ୍‌ଲ ବୋଲି ସମ୍ବୋଧନ କରିଥାନ୍ତି।

## ହନିମୁନ୍ ଟ୍ରିପ୍‌ରେ ୩୩ ଦେଶ ବୁଲିଥିବା ଦମ୍ପତି

ନିକ୍ ଓ ଜୋ ହେଉଛନ୍ତି ସେହି ଦମ୍ପତି ; ଯିଏକି ବାହାଘର ପରେ ଲଙ୍ଗ୍ ହନିମୁନ୍ ଟ୍ରିପ୍‌ରେ ଯାଇ ପ୍ରାୟ ୩୩ଟି ଦେଶ ବୁଲି ଘରକୁ ଫେରିଥିଲେ। ସେଥିପାଇଁ କେହି କେହି ତାଙ୍କୁ କ୍ରେଜି କପଲ୍ ବୋଲି ବି କହିଥାନ୍ତି। ତେବେ ସେ ଯାହା ହେଉ, ନିକ୍ ଓ ଜୋ ପରସ୍ପରକୁ ଭଲ ପାଉଥିଲେ। ଉଭୟ ଚାକିରି ମଧ୍ୟ କରିଥିଲେ। ସେମାନେ ନିଷ୍ପତ୍ତି ନେଲେ ଯେ, ବାହାଘର ହେବା ପୂର୍ବରୁ ଉଭୟ କିଛି କିଛି ପଇସା ସଞ୍ଚୟ କରିବେ। ଆଉ ଯେତେବେଳେ ସେମାନଙ୍କ ପାଖରେ ମୋଟା ଅଙ୍କର କିଛି ଟଙ୍କା ହୋଇଯିବ ତା’ପରେ ସେମାନେ ବିବାହ କରିବେ। ଆଉ ବିବାହ ପରେ ସେମାନେ ଏମିତି ଏକ ହନିମୁନ୍ ଟ୍ରିପ୍‌ରେ ଯିବେ, ଯେଉଁଥିରେ ସେମାନେ ଗୋଟିଏ କି ଦୁଇଟି ଜାଗା ନୁହେଁ ଏକାଧିକ ଦେଶ ବୁଲି ଆସିବେ। ଯୋଜନା ଅନୁସାରେ, ପାଖାପାଖି ୨ ବର୍ଷ ପର୍ଯ୍ୟନ୍ତ ଉଭୟେ ପଇସା ସଞ୍ଚୟ କଲେ। ତା’ପରେ ସେମାନେ ବିବାହ କଲେ। ୨୦୧୭ ଡିସେମ୍ବର ୩୧ରେ ନ୍ୟୁ-ଜର୍ସିରେ ସେମାନେ ବିବାହ କରିଥିଲେ। ତା’ପରେ ସେମାନେ ନିଜ ବ୍ୟାଗ୍ ପ୍ୟାକ୍ କରି ହନିମୁନ୍ ଟ୍ରିପ୍ ପାଇଁ ବାହାରିଗଲେ। ସାଙ୍ଗରେ ଉଭୟେ ସେମାନଙ୍କର ୱେଡିଂ ଡ୍ରେସ୍‌କୁ ନେଇଯାଇଥିଲେ। ଯାହାକି ଥିଲା ପୁରାପୁରି ଏକ ରୋମାଣ୍ଟିକ ଟ୍ରିପ୍। ଆଶ୍ଚର୍ଯ୍ୟର କଥା ହେଉଛି ସେମାନଙ୍କ ପାଖରେ ଯେତିକି ସଞ୍ଚିତ ଟଙ୍କା ଥିଲା ସେଥିରେ ପ୍ରାୟ ୩୩ଟି ଦେଶ ବୁଲିବାରେ ସକ୍ଷମ ହୋଇଥିଲେ। ଆଉ ଶେଷରେ ୨୦୧୮ ଅକ୍ଟୋବରରେ ଘରକୁ ଫେରିଥିଲେ। ତେବେ ସବୁଠୁ ରୋଚକପୂର୍ଣ୍ଣ ବିଷୟ ହେଉଛି ଏହି ୩୩ଟି ଦେଶର ଯେଉଁ ସ୍ଥାନକୁ ସେମାନେ ବୁଲି ଯାଇଥିଲେ, ସେଠାରେ ଉଭୟ ନିଜର ୱେଡିଂ ଡ୍ରେସ୍ ପିନ୍ଧି ଫଟୋ ଶୁଟ୍ କରିଥିଲେ ; ଯାହାକି ଅନ୍ୟ କୌଣସି ନବଦମ୍ପତିଙ୍କ କ୍ଷେତ୍ରରେ ଦେଖିବା ହୁଏତ ବିରଳ ହୋଇପାରେ।


ନିକ୍ - ଜୋ






## ଜୟ-ବୀରୁ ଷ୍ଟାଇଲ୍‌ରେ ବୁଲୁଥିବା ଦମ୍ପତି


ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର ‘ଶୋଲେ’ର ଜୟ-ବୀରୁ ଯୋଡ଼ି ଯେମିତି ବାଇକ୍‌ରେ ସାଇଡ୍ କାର୍‌କୁ ଜଏଣ୍ଟ କରି ଏକାଠି ବୁଲୁଥିଲେ ଠିକ୍ ସେମିତି ଗୁଜରାଟ ଭଦୋଦରାର ଏକ ଦମ୍ପତି ସେହି ଉପାୟକୁ ଆପଣେଇ ବେଶ୍ ଆରାମରେ ଭ୍ରମଣର ମଜା ନେଉଛନ୍ତି। ଦମ୍ପତି ଦୁଇଜଣ ହେଲେ ମୋହନଲାଲ୍ ଚୌହ୍ୱାନ ଏବଂ ତାଙ୍କ ଧର୍ମପତ୍ନୀ ଲୀଲାବେନ୍। ହେଲେ ପାର୍ଥକ୍ୟ କେବଳ ଏତିକି ଶୋଲେ ଫିଲ୍ମର ଜୟ-ବୀରୁ ଦୁଇ ବନ୍ଧୁ ଥିବାବେଳେ ଏମାନେ ଥିଲେ ପତିପତ୍ନୀ। ତେବେ ସବୁଠୁ ଚକିତ କରିବା କଥା ହେଉଛି ମୋହନଲାଲ୍‌ଙ୍କୁ ଏବେ ବୟସ ପ୍ରାୟ ୭୫ ବର୍ଷ ହେବ ଆଉ ଲୀଲାବେନ୍‌ଙ୍କୁ ପାଖାପାଖି ୭୦। ମୋହନଲାଲ୍ ଅଏଲ୍ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ୍‌ରେ ଚାକିରି କରୁଥିଲେ। ୨୦୧୧ ମସିହାରେ ହଠାତ୍ ତାଙ୍କର ହାର୍ଟ ଆଟାକ୍ ହେଲା। ତୁରନ୍ତ ଡାକ୍ତରୀ ଚିକିତ୍ସା ଯୋଗୁ ସେ ବଞ୍ଚିଗଲେ। ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଡାକ୍ତର ତାଙ୍କୁ ପୂରା ଆରାମ କରିବାକୁ ପରାମର୍ଶ ଦେଲେ। ପାହାଚ ଚଢ଼ିବା, ଗାଡ଼ି ଚଳାଇବା, କୌଣସି ଭାରି ଜିନିଷ ଉଠାଇବା ଏ ସବୁ ନ କରିବାକୁ ତାଙ୍କୁ ଉପଦେଶ ଦେଲେ। ହେଲେ ମୋହନଲାଲ୍‌ଙ୍କୁ ଏସବୁ ଭଲ ଲାଗୁ ନ ଥିଲା। କାରଣ ସେ ଥିଲେ ଖୁବ୍ ଭ୍ରମଣ ପ୍ରିୟ। ତାଙ୍କ ପାଖରେ ଥିଲା ୧୯୭୪ ମଡେଲ୍‌ର ଏକ ରୟାଲ୍ ଏନ୍‌ଫିଲ୍ଡ ବୁଲେଟ୍ ; ଯାହାକୁ ଚଲେଇବାକୁ ସେ ଖୁବ୍ ଭଲ ପାଉଥିଲେ। ଧର୍ମପତ୍ନୀ ଲୀଲାବେନ୍‌ଙ୍କୁ ଏଥିରେ ବସାଇ ସେ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଥିଲେ। ହେଲେ ଡାକ୍ତର ତାଙ୍କୁ ଗାଡ଼ି ଚଳାଇବାକୁ ମନା କରିବା ଶୁଣି ସେ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ। ସେ ବାକିତକ ଜୀବନ ଏମିତି ବୃଦ୍ଧ ଭାବେ ଘରେ ରହି ରହି ବିତାଇବାକୁ ଆଦୌ ପସନ୍ଦ କରୁ ନ ଥିଲେ। ତେଣୁ ନିଜର ଇଚ୍ଛାଶକ୍ତି ବଳରେ ସେ ଶୀଘ୍ର ସୁସ୍ଥ ହେବାକୁ ଚେଷ୍ଟା କଲେ। ଟିକେ ଭଲ ଲାଗିବାରୁ ପୁଣି ନିଜର ସେହି ପ୍ରିୟ ବୁଲେଟ୍‌କୁ ଧରି ଧୀରେ ଧୀରେ ଅଳ୍ପ କିଛି କିଛି ବାଟ ଚଳାଇଲେ। ସାହସ ବଢ଼ିବା ସଙ୍ଗେସଙ୍ଗେ କ୍ରମେ ତାଙ୍କର ବୁଲେଟ୍ ଚଲେଇବା ଗତି ଏବଂ ବାଟ ମଧ୍ୟ ବଢ଼ି ବଢ଼ି ଯାଉଥିଲା। ଏଥର ସେ ଲୀଲାବେନ୍‌ଙ୍କୁ ବସାଇ ବୁଲେଟ୍ ଚଲେଇବାକୁ ଇଚ୍ଛା କଲେ। ହେଲେ ଦୁର୍ଭାଗ୍ୟ ଲୀଲାବେନ୍ କୌଣସି କାରଣବଶତଃ ପଡ଼ିଯାଇ ତାଙ୍କର ଏକ ଗୋଡ଼ ଫ୍ରାକ୍ଚର୍ ହୋଇଗଲା। ସେ ଆଉ ବୁଲେଟ୍ ପଛରେ ବସି ବୁଲିବାକୁ ସମର୍ଥ ହୋଇପାରିଲେନି। ହେଲେ ତାଙ୍କର ବି ସ୍ୱାମୀଙ୍କ ସଙ୍ଗେ ବୁଲିବାକୁ ଖୁବ୍ ଇଚ୍ଛା ହେଉଥିଲା ; ଯାହାକୁ ହୃଦୟଙ୍ଗମ କରି ଶେଷରେ ମୋହନଲାଲ୍ ନିଜ ବୁଲେଟ୍‌କୁ ସଂଲଗ୍ନ କରି ଏକ ସାଇଡ୍ କାର୍ ଲଗାଇବାକୁ ଚିନ୍ତା କଲେ। ଯଦ୍ୱାରା ଲୀଲାବେନ୍ ଆରାମରେ ସେଥିରେ ବସି ମୋହନଲାଲ୍‌ଙ୍କ ସହ ବୁଲିପାରିବେ। ପ୍ରଥମେ ପ୍ରଥମେ ସେମାନେ ଶର୍ଟ ଟ୍ରିପ୍‌ରେ ବୁଲିବାକୁ ଯାଉଥିଲେ। ହେଲେ ୨୦୧୬ରେ ସେମାନେ ଏକ ଲଙ୍ଗ୍ ଟ୍ରିପ୍‌ର ପ୍ଲାନିଂ କଲେ। ଯେଉଁଥିପାଇଁ ସେମାନେ ତାଙ୍କର ଏକ ଫିକ୍ସଡ୍ ଡିପୋଜିଟ୍‌କୁ ଭାଙ୍ଗିଲେ। ଆଉ ସହି ଗାଡ଼ିକୁ ଧରି ସେମାନେ ମହାରାଷ୍ଟ୍ର, କେରଳ,

→



ଲୀଲାବେନ୍- ମୋହନଲାଲ୍





ଆନେ-ମାଇକ୍

ଗୋଆ, କର୍ଣ୍ଣାଟକ, ତାମିଲନାଡୁ ଆଦି ସ୍ଥାନ ବୁଲି ବାହାରିଲେ। ତିନିଘଣ୍ଟା ଲଗାତର ଗାଡ଼ି ଚଲାଇବା ପରେ ସେମାନେ କିଛି ସମୟ ବିଶ୍ରାମ ନେଉଥିଲେ। ଆଉ ଯେଉଁଠି ମନ ହେଉଥିଲା ସେଠାରେ ଅଟକି ରାତିରେ ରହିବା ପାଇଁ ହୋଟେଲ୍ ଖୋଜୁଥିଲେ। ସେମାନଙ୍କର ଏହି ଟ୍ରିପ୍‌ର ଫାଇନାନ୍ସ ମ୍ୟାନେଜର୍ ଥିଲେ ଲୀଲାବେନ୍। ପ୍ରତିଦିନ ୩ରୁ ୪ ହଜାର ଭିତରେ ଖର୍ଚ୍ଚ କରିବାକୁ ସେ ବଜେଟ ପ୍ରସ୍ତୁତ କରିଥିଲେ ; ଯେଉଁଥିରେ ଖାଇବାପିଇବା, ଗାଡ଼ିରେ ତେଲ ପକାଇବା, ହୋଟେଲ୍‌ରେ ରହିବା ଖର୍ଚ୍ଚ ସହିତ କିଛି ଛୋଟମୋଟ ହାତଖର୍ଚ୍ଚ ସାମିଲ ଥିଲା। ଅଯଥା ପଇସା ଖର୍ଚ୍ଚ ନ କରିବାକୁ ଲୀଲାବେନ୍ ତାଙ୍କ ସ୍ୱାମୀଙ୍କୁ ପରାମର୍ଶ ଦେଉଥିଲେ ; ଯଦ୍ୱାରା ବୁଲାବୁଲି ପାଇଁ ସେମାନଙ୍କ ପାଖରେ ଟଙ୍କା ଯେମିତି ଊଣା ନ ପଡ଼େ। ପ୍ରାୟ ୭୫ ଦିନ ବୁଲିବା ପରେ ସେମାନେ ବେଶ୍ ଆନନ୍ଦରେ ଘରକୁ ଫେରିଥିଲେ। ଆଉ ପୁଣିଥରେ ଅନ୍ୟ ଏକ ଟ୍ରିପ୍ ପାଇଁ ପ୍ଲାନିଂ କରିବା ଆରମ୍ଭ କଲେ। ୨୦୧୮ ଫେବୃୟାରୀରେ ସେମାନେ ତାଙ୍କର ଦ୍ୱିତୀୟ ଲଙ୍ଗ୍ ଟ୍ରିପ୍‌ରେ ବାହାରିଲେ। ଏଥର ସେମାନେ ଉତ୍ତର-ପୂର୍ବ ଭାରତର କିଛି ସ୍ଥାନ ବୁଲିବାକୁ ପ୍ଲାନିଂ କରିଥିଲେ। ଏହି ସମୟରେ ଲୀଲାବେନ୍‌ଙ୍କର ଗୋଇଠିରେ ଆଉ ଏକ ଫ୍ରାକ୍ଚର ହେଲା ; ଯେଉଁଥିପାଇଁ ତାଙ୍କର ଅପରେଶନ୍ ମଧ୍ୟ କରିବାକୁ ପଡ଼ିଲା। ତଥାପି ଲୀଲାବେନ୍ ଧୈର୍ଯ୍ୟହରା ହୋଇ ନ ଥିଲେ। ନିଜକୁ ଦୃଢ଼ କରିବା ସହ ମୋହନଲାଲ୍‌ଙ୍କର ମଧ୍ୟ ମନୋବଳକୁ ବଢ଼ାଇଥିଲେ। ଆଉ ନିଜେ କଷ୍ଟେମଷ୍ଟେ ଆସି ସାଇଡ୍ କାର୍‌ରେ ବସି ମୋହନଲାଲ୍‌ଙ୍କୁ କହିଥିଲେ- ଚାଲ ଏଥର ବୁଲିଯିବା ! ସେଥିପାଇଁ ବାଟରେ ଯିଏ ବି ମୋହନଲାଲ୍‌ଙ୍କୁ ଏ ଟ୍ରିପ୍ ସମ୍ପର୍କରେ ପଚାରୁଥିଲେ ସେ ହସିକି ଗୋଟିଏ କଥା କହୁଥିଲେ- 'ମୋ ବୁଲେଟ୍‌ରେ ଦୁଇଟି ବ୍ୟାଟେରି ଅଛି ; ତା'ଭିତରୁ ଗୋଟେ ହେଉଛି ମୋ ଧର୍ମପତ୍ନୀ ଲୀଲା। ଆଉ ଆମର ବୁଟି ପାଚି ଯାଇଛି ସତ ; କିନ୍ତୁ ଆମେ ବୃଦ୍ଧାବୃଦ୍ଧ ନୁହଁ, ଆମର ମନ ଏବେ ବି ଯୁବସୁଲଭ ରହିଛି।' ଦ୍ୱିତୀୟ ଟ୍ରିପ୍ ବି ସେମାନଙ୍କର ଭଲରେ ଭଲରେ ସରିଲା। ତା'ପରେ କୋଭିଡ୍ ପାଇଁ ସେମାନେ ବେଶ୍ କିଛିଦିନ ବୁଲିବା ବନ୍ଦ କରିଦେଇଥିଲେ। ନିୟମ କୋହଳ ହେବା ପରେ ସେମାନେ ପୁଣି ବୁଲିବାକୁ ଲାଗିଲେ। ଏହି ଯୋଡ଼ିକୁ ଯିଏ ବି ଦେଖୁଥିଲେ ସିଏ କହୁଥିଲେ, 'ଜୟ-ବୀରୁ' ଯୋଡ଼ି ପୁଣି ଚାଲିଲେ ବୁଲି। ସତରେ ପରିଣତ ବୟସରେ ମୋହନଲାଲ୍-ଲୀଲାବେନ୍‌ଙ୍କର ଏ ଅନାବିଳ ପ୍ରେମ ଅନ୍ୟମାନଙ୍କ ପାଇଁ ପ୍ରେରଣା।

## ଲଙ୍ଗ୍ ହନିମୁନ୍ ଟ୍ରିପ୍‌ରେ ଯାଇଥିବା ଦମ୍ପତି

ଆମେରିକାର ଆନେ ଓ ମାଇକ୍ ହୋୱାର୍ଡ। ସମ୍ପର୍କରେ ପତ୍ନୀପତି। ଦୁଇଜଣଙ୍କୁ ବୁଲିବାକୁ ବହୁତ ଭଲ ଲାଗେ। ୨୦୧୨ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହ ପରେ ସେମାନେ ଯେତେବେଳେ ପ୍ରଥମ ହନିମୁନ୍ ଟ୍ରିପ୍‌ରେ ଯାଇଥିଲେ ତାହା ପାଖାପାଖି ୬୭୫ ଦିନର ଥିଲା ବୋଲି ରେକର୍ଡ ରହିଛି। ଏଥିପାଇଁ ସେମାନେ ପୂର୍ବରୁ ଯୋଜନା ମଧ୍ୟ କରିଥିଲେ। ସେଥିପାଇଁ ବେଶ୍ କିଛି ଟଙ୍କା ସଞ୍ଚୟ କରିବା ପରେ ଉଭୟ ଚାକିରି ଛାଡ଼ି, ତାଙ୍କ ଆପାର୍ଟମେଣ୍ଟକୁ ଭଡ଼ାରେ ଦେଇ ହନିମୁନ୍ ଟ୍ରିପ୍‌ରେ ବାହାରି ଯାଇଥିଲେ। ହନିମୁନ୍ ଟ୍ରିପ୍ ସାଙ୍ଗକୁ ଏହା ଥିଲା ତାଙ୍କର ୱାର୍ଲ୍ଡ ଟୁର୍ କରିବାର ଏକ ସୁବର୍ଣ୍ଣ ସୁଯୋଗ। ପାଖାପାଖି ୬୭୫ ଦିନ ଘରଠୁ ଦୂରରେ ରହି, ତା'ରି ଭିତରେ ସେମାନେ ପ୍ରାୟ ୩୩ଟି ଦେଶ ସାଙ୍ଗକୁ ପ୍ରାୟ ୬ଟି ମହାଦେଶ ବୁଲିବାରେ ସଫଳ ହୋଇପାରିଥିଲେ। ଏତେ ଦିନ ପର୍ଯ୍ୟନ୍ତ ହନିମୁନ୍ ଟ୍ରିପ୍‌ରେ ଯିବାରେ ଏହି ଦମ୍ପତି ଏକ ନୂଆ ରେକର୍ଡ କରିବାରେ ମଧ୍ୟ ସଫଳ ହୋଇଥିଲେ। କେବଳ ଏହି ଗୋଟିଏ ଟ୍ରିପ୍‌ରେ ସେମାନେ ଅଟକି ନ ଯାଇ ତା'ପରଠୁ ତଗାତାର ସେମାନେ ଏମିତି ହନିମୁନ୍ ଟ୍ରିପ୍‌ରେ ଯାଇ ଆହୁରି କେତେଟା ନୂଆ ଦେଶ ମଧ୍ୟ ବୁଲିସାରିଲେଣି। ବୁଲିବା ସହ ପ୍ରତି ଜାଗାର ଭିଡିଓ କରି ତାହାକୁ ସୋସିଆଲ୍ ମିଡିଆରେ ଶେୟାର୍ କରିବା ବି ଏହି ଦମ୍ପତିଙ୍କର ଆଉ ଏକ ରୁଚି। ଏହାଦ୍ୱାରା ସେମାନଙ୍କର ଫଲୋର୍ସଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି ; ଆଉ ସେଥିରୁ ସେମାନଙ୍କର ଭଲ ରୋଜଗାର ବି ହେଉଛି। ତା'ସହିତ ନୂଆ ନୂଆ ଜାଗାକୁ ବୁଲିଯାଇ ଏହି ଦମ୍ପତିଙ୍କର ସମ୍ପର୍କ ମଧ୍ୟ ଦିନକୁ ଦିନ ନିବିଡ଼ ହେବାରେ ଲାଗିଛି।



## ସ୍ତ୍ରୀଙ୍କ ମୁହଁ ଛବି ଥିବା ତକିଆ ଧରି ବୁଲିଲେ ସ୍ୱାମୀ

ଫିଲିପାଇନ୍ସର ରୋମାଣ୍ଟିକ୍ ଦମ୍ପତି ହେଲେ ରେମୋଣ୍ଡ ଓ ଜୋଆନେ ଫର୍ଚୁନାଡୋ। ଏମାନେ ଦୁହେଁ ବି ଖୁବ୍ ଭ୍ରମଣପ୍ରିୟ। ଏଇ କିଛିଦିନ ତଳେ ସେମାନେ ଏକ ଲଙ୍ଗ୍ ଭାକେଶନ୍‌ର ପ୍ଲାନିଂ କରିଥିଲେ। କିନ୍ତୁ ହଠାତ୍ କୌଣସି କାରଣବଶତଃ ଶେଷ ମୁହୂର୍ତ୍ତରେ ଜୋଆନେ ବୁଲିବାକୁ ଯାଇପାରିଲେ ନାହିଁ। କିନ୍ତୁ ସେତବେଳକୁ ଟିକେଟ୍ ବୁକିଂ, ହୋଟେଲ୍ ବୁକିଂ ସବୁ ସରିଥାଏ। ବାଧ୍ୟହୋଇ ରେମୋଣ୍ଡଙ୍କୁ ଏକାକୀ ଯିବାକୁ ପଡିଲା। ହେଲେ ସାଙ୍ଗରେ ସ୍ତ୍ରୀ ଜୋଆନେ ଯାଉ ନ ଥିବାରୁ ରେମୋଣ୍ଡଙ୍କୁ ଭଲ ଲାଗୁ ନ ଥିଲା। ରେମୋଣ୍ଡଙ୍କ ମୁଣ୍ଡକୁ ଏକ ନୂଆ ଉପାୟ ଜୁଟିଲା। ସେ ଏକ ତକିଆରେ ଜୋଆନେଙ୍କ ଫଟୋ ପ୍ରିଣ୍ଟ କରି ତାକୁ ସାଙ୍ଗରେ ଧରି ବୁଲି ବାହାରିଲେ। ସେ ଯେଉଁଠିକି ବି ଯାଉଥିଲେ ଉକ୍ତ ତକିଆକୁ ସାଙ୍ଗରେ ନେଉଥିଲେ ଆଉ ତାକୁ ଧରି ଫଟୋ ବି ଉଠାଉଥିଲେ। ସୁଇମିଂ କରିବାବେଳେ ଉକ୍ତ ତକିଆକୁ ସୁଇମିଂ ଜ୍ୟାକେଟ୍ ପିନ୍ଧାଇ ତାକୁ ଧରି ପହଁରିବା, ରେଷ୍ଟୁରାଣ୍ଟରେ ଖାଇବାବେଳେ ଜୁସ୍ ଷ୍ଟ୍ରକୁ ତକିଆ ମୁହଁ ପାଖରେ ଦେବା ଅଥବା ଶୋଇଲାବେଳେ ପାଖରେ ସେହି ତକିଆକୁ ଧରି ଶୋଉଥିଲେ ରେମୋଣ୍ଡ। ଏହି ତକିଆଟି ପାଖରେ ଥିବାରୁ ରେମୋଣ୍ଡଙ୍କୁ ଆଉ ଏକାକୀ ଅନୁଭବ ହେଉ ନ ଥିଲା। ତାଙ୍କୁ ଲାଗୁଥିଲା ତାଙ୍କ ପାଖରେ ଜୋଆନେ ସବୁବେଳେ ଅଛନ୍ତି। ଏମିତି ଏମିତିରେ ତାଙ୍କ ବୁଲିବା ସରିଥିଲା। ପରେ ସେ ତାଙ୍କ ସ୍ତ୍ରୀ ମୁହଁ ଥିବା ତକିଆକୁ ଧରି ଉଠାଇଥିବା ସମସ୍ତ ଫଟୋକୁ ଯେତେବେଳେ ସୋସିଆଲ୍ ମିଡିଆରେ ପୋଷ୍ଟ କଲେ ତାହା ଏତେ ଭାଇରାଲ୍ ହେଲା ଯେ, ଜୋଆନେ ଓ ରେମୋଣ୍ଡଙ୍କ ଭିତରେ ଥିବା ଏହି ଅନାବିଳ ପ୍ରେମକୁ ସାରା ଦୁନିଆ ଜାଣିଗଲା।

ସତରେ ଏହି ପ୍ରେମୀଯୁଗଳମାନଙ୍କର ଏଭଳି ନିଆରା ପ୍ରେମକାହାଣୀକୁ ପଢି ଆଶ୍ଚର୍ଯ୍ୟ ଲାଗୁଥାଇପାରେ ସତ କିନ୍ତୁ ଏହା ପଛରେ ଲୁଚି ରହିଥିବା ସେମାନଙ୍କର ପ୍ରକୃତ ଭଲ ପାଇବାକୁ ଯିଏ ଅନୁଭବ କରିପାରିଲା ତା' ପାଇଁ ଏ ଦୁନିଆଟା ହିଁ ପ୍ରେମମୟ ହୋଇଯିବ।

-ଅନ୍ୱିତା ମିଶ୍ର





ରେମୋଣ୍ଡ- ଜୋଆନେ

# ପ୍ରେମର ଦୁଇଟି ଡେଣା







**ଯୋଡ଼ି କୁଆଡ଼େ ଈଶ୍ୱର ପ୍ରଦତ୍ତ । ଦୁଇ ଦେହ ଗୋଟିଏ ଆତ୍ମା , ଚାରି ଆଖି ଗୋଟିଏ ଦୃଷ୍ଟି , ଦୁଇ ମନ ଗୋଟିଏ ବିଚାର ଲାଗେ ଯେମିତି ଜଣେ ଜଣଙ୍କ ବିସ୍ତାର । ବ୍ୟକ୍ତିତ୍ୱର ବିଭିନ୍ନତା ସତ୍ତ୍ୱେ ଅଭିନ୍ନ ଜୀବନବୋଧର ସ୍ୱରକୁ ନେଇ ଈଶ୍ୱର ଯେମିତି ବିଛେଇ ଦେଇଥାନ୍ତି ଆବାମିକାର ରାସ୍ତା। ଏମିତି ଏକ ସୁନ୍ଦର ପ୍ରେମୀ ଯୁଗଳ ହେଉଛନ୍ତି ଯାଜପୁର ଜିଲା ଅନ୍ତର୍ଗତ ନୀଳକଣ୍ଠପୁରନିବାସୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ଏବଂ ପଦ୍ମଜା ଶରଣ..**

ଗୋଟିଏ ବିଦ୍ୟାଳୟରେ ବାଲ୍ୟକାଳ ଓ କୈଶୋର । ମହାବିଦ୍ୟାଳୟରେ ତାରୁଣ୍ୟ । ନିରୁତା ବନ୍ଧୁତା ଥିଲା ସମ୍ପର୍କର ଭିତ୍ତି । ପଦ୍ମଜାଙ୍କ ଗଭୀର ବ୍ୟକ୍ତିସତ୍ତା, କଳାମନସ୍କ ଆତ୍ମା, ପ୍ରତିଭା ଓ ସ୍ନେହୀ ଗୁଣ ଟିକକ ଯେମିତି କୃଷ୍ଣଚନ୍ଦ୍ରଙ୍କୁ ପସନ୍ଦ ସେମିତି କୃଷ୍ଣଚନ୍ଦ୍ରଙ୍କ ଅଧ୍ୟବସାୟ, କଳାରୁଚି, ଗାର୍ଜନସୁଲଭ ବ୍ୟକ୍ତିତ୍ୱ, ଦାୟିତ୍ୱବତ୍ତା ଓ ଯତ୍ନବାନ ସ୍ୱରୂପ ଟିକକ ପଦ୍ମଜାଙ୍କୁ ପସନ୍ଦ । ଘରୋଇ ବନ୍ଧୁତା । ପଦ୍ମଜାଙ୍କ ଘରେ କୃଷଚନ୍ଦ୍ରଙ୍କୁ ଏବଂ କୃଷ୍ଣଚନ୍ଦ୍ରଙ୍କ ଘରେ ପଦ୍ମଜାଙ୍କୁ ମିଳେ ଗୁରୁତ୍ୱ ଓ ପ୍ରଭୂତ ଯତ୍ନ । ଏମିତି ବି କୁହାଯାଇପାରେ ଉଭୟଙ୍କ ନିବିଡ ବନ୍ଧୁତା ଭିତରେ ଛପି ଚାପି ହୋଇଯାଇଥିଲା ପ୍ରେମ । ଘରୋଇ ଦାୟିତ୍ୱ ନିର୍ବାହ କରିବା ସଙ୍ଗେ ସଙ୍ଗେ ପରସ୍ପରର ଛୋଟବଡ଼ ଦାୟିତ୍ୱ ତୁଲେଇଲାବେଳେ ନିର୍ଭରଶୀଳତା ବଢିବା ସ୍ୱାଭାବିକ । ଯୁକ୍ତିତର୍କ, ରାଗରୁଷା, ମାନ ଅଭିମାନରେ ଆଧା ସମୟ କଟି ପଡ଼େ । କଟି ପୁଣି ଫିଟୁଥାଏ ନିଜ ବାଟରେ ଅକପଟ ବନ୍ଧୁତା ଖାତିରରେ ।

ଘରର ବଡ଼ ଝିଅ ପଦ୍ମଜା ସୁନ୍ଦରୀ, ପ୍ରତିଭାମୟୀ ଓ ଦାୟିତ୍ୱସମ୍ପନ୍ନା । ବାପାମାଆଙ୍କ ଦମ୍ଭ ଓ ବିଶ୍ୱାସ । ଖୁବ୍ ମାନନ୍ତି ପଦ୍ମଜାଙ୍କୁ ତାଙ୍କ ସାନ ଭାଇ ଓ ଭଉଣୀ । ସେହିମାନଙ୍କୁ ପ୍ରତ୍ୟହ ପଢେଇବାକୁ ଆସନ୍ତି ସହପାଠୀ କୃଷ୍ଣଚନ୍ଦ୍ର । ପାଠପଢ଼ା ଭିତରେ ସାହିତ୍ୟ ଚର୍ଚ୍ଚା ହୁଏ । କୃଷ୍ଣଚନ୍ଦ୍ର କଳାପ୍ରେମୀ । ନିଜେ ଗପ ଓ ନାଟକ ଲେଖନ୍ତି । କବିତା ବି । ଯାତ୍ରା କି ନାଟକରେ ଅଭିନୟ କଲାବେଳେ କାୟାପ୍ରବେଶ ହୁଏ ଯେମିତି ତାଙ୍କର ଚରିତ୍ରରେ । ପଦ୍ମଜା କୁହନ୍ତି , 'କଳା ପ୍ରଦର୍ଶନ କରି ତାରିଫ୍ ମିଳୁ କି ନମିଳୁ ସେଥିପ୍ରତି ସେ ଉଦାସୀନ ଥାଆନ୍ତି । ଯେକୌଣସି ଚରିତ୍ରରେ ସେ ଅଭିନୟ କରନ୍ତୁ,ସେ ଚରିତ୍ର ଭିତରେ ନିଜକୁ ସଂପୂର୍ଣ୍ଣ ମିଶାଇ ଦିଅନ୍ତି । ସେ ଖୁବ୍ ଗୁଣଗ୍ରାହୀ, ନିଷ୍ଠାପର । ଯେକୌଣସି ବର୍ଗର କଳାକାରଙ୍କ ପ୍ରତି ତାଙ୍କର ସମ୍ମାନବୋଧ ଅତ୍ୟନ୍ତ ଅଧିକ ।' କଳା ପ୍ରତି ସମର୍ପିତ କୃଷ୍ଣଚନ୍ଦ୍ରଙ୍କ ସ୍ୱଭାବ ପଦ୍ମଜା ଶରଣଙ୍କୁ ଖୁବ୍ ଭଲ ଲାଗେ । ଭଲ ଲାଗେ ଗଭୀର ସମୁଦ୍ର ଭଳି କୃଷ୍ଣଚନ୍ଦ୍ରଙ୍କ ବିଶାଳତା ।

'ପ୍ରେମ ଅଛି ବୋଲି ଜାଣିଲେ କେମିତି 'ର ପ୍ରଶ୍ନରେ ଉଭୟେ ହସନ୍ତି ସଲ୍ଲଜ ହସ । କୃଷ୍ଣଚନ୍ଦ୍ରଙ୍କ ବିବାହ ପାଇଁ ପାତ୍ରୀ ନିର୍ବାଚନ ସମୟରେ ପଦ୍ମଜାଙ୍କ ଭୂମିକା ବନ୍ଧୁ ଭଳି ଥିଲା । ଥରେ ଏମିତି ନିଜ ପାଇଁ କନ୍ୟାଦେଖା ଫେରନ୍ତା ରାସ୍ତାରେ କହୁ କହୁ ପଦ୍ମଜାଙ୍କୁ କହିଦେଇଥିଲେ କୃଷ୍ଣଚନ୍ଦ୍ର, କେହି ତ ମନ ମୁତାବକ ହେଉନାହାଁନ୍ତି । ତୋ ଭଳି କେହି ଜଣେ ହେଲେ ହୁଅନ୍ତା । ତୁ ମୋତେ ବାହା ହେବୁ ? ବନ୍ଧୁତା ଓ ଘରୋଇ ସମ୍ପର୍କକୁ ଡେଇଁ ପଦ୍ମଜାଙ୍କ ଭଳି କନ୍ୟାପାତ୍ରୀଙ୍କ ପାଇଁ ତାଙ୍କ ପ୍ରସ୍ତାବ ହୁଏତ ସେହି ସମୟ ପାଇଁ ଠିକ୍ ଲାଗୁନଥିଲା କୃଷ୍ଣଚନ୍ଦ୍ରଙ୍କୁ । ନିରୁତ୍ତର ରହିଲେ ପଦ୍ମଜା ଅଥଚ ତାଙ୍କ ହୃଦୟର ପ୍ରତି କୋମଳ ତନ୍ତ୍ରୀରେ ତାଙ୍କ ଅଜାଣତରେ ଲେଖି ହୋଇଗଲା ଅସଂଖ୍ୟ ପ୍ରେମ ଗାଥା । ଖୁବ୍ ବେଶି ପ୍ରସ୍ତାବ ଆସୁଥାଏ ପଦ୍ମଜାଙ୍କ ପାଇଁ । ଅସ୍ୱଚ୍ଛଳ ଆର୍ଥିକ ସ୍ଥିତି ପାଇଁ ଚିନ୍ତିତ ଥାଆନ୍ତି ପଦ୍ମଜାଙ୍କ ପରିବାରଜନ । ସାମାଜିକ ରୀତିନୀତି, ଘରୋଇ ବିଶ୍ୱାସର ଅନୁଶାସନ ସଙ୍କୁଚିତ କରିପକାଉଥିଲା ପଦ୍ମଜାଙ୍କୁ ଯଦିଓ ଅତ୍ୟନ୍ତ ନିର୍ଭୀକ ଥିଲେ କୃଷ୍ଣଚନ୍ଦ୍ର ବୋଲି ପରେ ଜାଣିପାରିଥିଲେ ପଦ୍ମଜା । ଖୁବ୍ ପ୍ରତିକୂଳ ଥିଲା ଉଭୟଙ୍କ ଘରୋଇ ଆର୍ଥିକ ସ୍ଥିତି । ଆର୍ଥିକ ଭାବରେ ସ୍ୱାବଲମ୍ବୀ ନଥିଲେ ଉଭୟେ । ସୁତରାଂ ନିଜ ଜୀବନ ପାଇଁ ସ୍ୱାଧୀନ ଭାବରେ ବିଚାର କରିବାର ଆତ୍ମବିଶ୍ୱାସ ଟିକକ ଜୁଟେଇ ପାରୁନଥିଲେ ଉଭୟେ । ପଦ୍ମଜାଙ୍କ ଭଳି ବାନ୍ଧବୀଙ୍କ ପାଇଁ କେଉଁଟା ଭଲ ହେବ ବୋଲି କୃଷ୍ଣଚନ୍ଦ୍ର ଚେଷ୍ଟା କରୁଥିଲେ ଓ କେଉଁଠି ପଦ୍ମଜା ବୋହୂ ହୋଇ ଖୁସିରେ ରହିବେ ସେଥିପ୍ରତି ଯତ୍ନବାନ ଥିଲେ । ପ୍ରେମ ଆଉ କ'ଣ ଯେ ? ବନ୍ଧୁତା ତ !


ଅଦୃଷ୍ଟ ତା ବାଟରେ କିନ୍ତୁ ତିଆରି କରିଥିଲା ବିଧାନ । ଉଭୟଙ୍କ ଘରେ ଉଭୟଙ୍କ ବିବାହ ପ୍ରସ୍ତାବ ପାଇଁ ଖୋଜାଲୋଡ଼ା ଚରମ ପର୍ଯ୍ୟାୟରେ ଚାଲିଥିଲା । କୃଷ୍ଣଚନ୍ଦ୍ରଙ୍କୁ ମୁଦି ପିନ୍ଧେଇ ବିବାହ କାର୍ଯ୍ୟକୁ ଚୂଡାନ୍ତ କରିବାକୁ ଦିନେ ସଞ୍ଜରେ ପହଞ୍ଚିଗଲେ କନ୍ୟାପକ୍ଷ । ସେତେବେଳେ ପଦ୍ମଜାଙ୍କ ଘରେ ଭାଇଭଉଣୀଙ୍କୁ ପାଠ ପଢ଼ାଉଥିଲେ କୃଷ୍ଣଚନ୍ଦ୍ର । କନ୍ୟାପକ୍ଷଙ୍କ ଗାଡ଼ିରେ ଆସିବା, ପାଠ୍ୟଦାନ ଅଧାରୁ କୃଷ୍ଣଚନ୍ଦ୍ରଙ୍କୁ ଗାଡ଼ିରେ ଉଠେଇନେବା ଏବଂ କୃଷ୍ଣଚନ୍ଦ୍ରଙ୍କ ସାଇକେଲ ଦାଣ୍ଡ ଦୁଆରେ ଅସହାୟ ହୋଇ ପଡିରହିଥିବାଟା ଦେଖିସମ୍ଭାଳି ପାରିନଥିଲେ ପଦ୍ମଜା । ଅସହାୟତାର ଅସମ୍ଭବ ଜ୍ୱାଳା ଓ ବ୍ୟାକୁଳତା ଭିତରେ ସେ ଭିଜିଥିଲେ ସାରା ରାତି ଲୁହରେ । ବାରମ୍ବାର ଭାଙ୍ଗୁଥିବା ବିବାହ ପ୍ରସ୍ତାବ ସ୍ଥିର ହୋଇଗଲା ପରେ ସେ କୃଷ୍ଣଚନ୍ଦ୍ରଙ୍କ ପାଇଁ କାହିଁ ଖୁସି ହୋଇପାରୁନାହାନ୍ତି ବୋଲି ଜାଣି ପାରୁନଥିଲେ । ଅଥଚ ତା ପୂର୍ବରୁ ସୁନ୍ଦରୀ ଗୁଣବତୀ ବୋହୂଟିଏ ପାଇଁ ବ୍ୟସ୍ତ ହୋଇ ପଡୁଥିବା କୃଷ୍ଣଚନ୍ଦ୍ରଙ୍କ ମାଆଙ୍କ ସହ ମେଳଣ ଯାତ୍ରାରେ ଠାକୁରଙ୍କ ପାଖରେ ମାନସିକ କରି ଆସିଥିଲେ ପଦ୍ମଜା । ତାଙ୍କୁ ଲାଗିଲା ସେଇ ବୋଧେ ଶେଷ । ତେଣିକି ଅପହଞ୍ଚ ହୋଇଯିବେ କୃଷ୍ଣଚନ୍ଦ୍ର । ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଓ ଯତ୍ନ ଦେଖାଉଥିବା ସାଥୀଜଣଙ୍କୁ ସେ ଆଉ ପାଇପାରିବେ ନାହିଁ । ଅବୁଝା ହୋଇ ସାରା ରାତି କାନ୍ଦିଥିଲେ ପଦ୍ମଜା ଆବେଗପ୍ରବଣ ହୋଇ । ଲୁହବତୁରା ଶବ୍ଦରେ ସେ ସାହସ ଠୁଳ କରି ଲେଖିଲେ ଦୀର୍ଘ ଗୋଟିଏ ଚିଠି ଏବଂ ସାଇକେଲ ଫେରେଇ ନେବାକୁ ଆସିଥିବା କୃଷ୍ଣଚନ୍ଦ୍ରଙ୍କ ହାତରେ ଧରେଇ ଦେଇ କହିଥିଲେ, ଘରେ ନେଇ ପଢିବ ।

ଘରର ଦାୟିତ୍ୱବାନ ବଡ଼ପୁଅ କୃଷ୍ଣଚନ୍ଦ୍ର ଘରକୁ ଆସି ଚିଠି ପଢି ନିଷ୍ପତ୍ତି ନେଲେ । ତାଙ୍କୁ ଅତ୍ୟନ୍ତ ଭଲ ପାଉଥିବା ମାଆଙ୍କୁ କହିଲେ ତାଙ୍କୁ ବିବାହ କରିବାର ଅଛି ପଦ୍ମଜାଙ୍କୁ । ମାଆ ପୁଅଙ୍କ ମନକୁ, ପସନ୍ଦକୁ ଜାଣିଲେ । ସମ୍ମତି ଦେଲେ । କିନ୍ତୁ ବୁଝିପାରୁନଥିଲେ ପରିବାର ସ୍ୱଜନ । ଯଦି ଏହାହିଁ ଥିଲା ନିର୍ଦ୍ଦିଷ୍ଟ ପୁଣି ଏତେ ଆୟୋଜନ କାହିଁକି ଓ କେଉଁଥିପାଇଁ ହେଉଥିଲା ! ଦ୍ୱନ୍ଦ୍ୱ ଓ ଅପ୍ରୀତିକର ପରିସ୍ଥିତିଟେ ଉପୁଜିବା ସ୍ୱାଭାବିକ । ହେଲା ବି । ବନ୍ଦ ହୋଇଗଲା ଯୋଗାଯୋଗର ମାଧ୍ୟମ ଉଭୟଙ୍କ ମଧ୍ୟରେ କିଛି ଦିନ । ନଥିଲା ଆଜି ଭଳି ଫୋନ୍ । ଯୋଗାଯୋଗର ମାଧ୍ୟମ ହୋଇ ଯିଏ ଖବର ପହଞ୍ଚାଉଥିଲେ ତାଙ୍କୁ ପଚାରୁଥିଲେ କୃଷ୍ଣଚନ୍ଦ୍ର, କେମିତି ଅଛି ମୋ ରାଧା ? ବାନ୍ଧବୀ ଇଭାରୁ ପ୍ରେମିକା ରାଧାର ଯାତ୍ରା ସତରେ ଥିଲା ଅତ୍ୟନ୍ତ କାବ୍ୟିକ ଓ କଳାତ୍ମକ । କୃଷ୍ଣଚନ୍ଦ କେବଳ ଭଲପାଇ ଜାଣନ୍ତି । ଭଲପାଇବା ଭିତରେ ଢାଳି ହୋଇ ଜାଣନ୍ତି । ସେ ଭଲପାଆନ୍ତି ପଦ୍ମଜାଙ୍କ କବିତାଙ୍କୁ ତାଙ୍କ ଭିତରେ ମୁହୂର୍ତ୍ତରୁ ମୁହୂର୍ତ୍ତ ସ୍ପୁରୁଥିବା ନୂଆପଣମାନଙ୍କୁ, ତାଙ୍କ ବ୍ୟକ୍ତିତ୍ୱକୁ , ତାଙ୍କ ଖୁସିକୁ ତାଙ୍କ ପ୍ରେମିକାପଣକୁ । ପଦ୍ମଜା କୁହନ୍ତି , ଦୁହେଁ ସ୍ୱପ୍ନ ଦେଖୁ , କଳ୍ପନାର ସୁଅରେ ଭାସୁ । କିନ୍ତୁ ଅଧାରୁ ସଜାଗ ହୁଅନ୍ତି କୃଷ୍ଣଚନ୍ଦ୍ର ଯେହେତୁ ସମ୍ପୂର୍ଣ୍ଣ ବୁଡି ଅଣନିଃଶ୍ୱାସୀ ହେବା ପୂର୍ବରୁ ସେ ଉଠେଇ ଆଣିବେ ପଦ୍ମଜାଙ୍କୁ । ପ୍ରେମ ଆଉ କଣ ଯେ !

ନିଜ ନିଜ ସର୍ଜକସତ୍ତାକୁ ଧରି ଦାମ୍ପତ୍ୟ ନିର୍ବାହ କଲାବେଳେ 'ମୁଁ'ର ଭାବ 'ଆମେ ଦୁହେଁ'ର ଭାବରେ ରୂପାନ୍ତରିତ ହୋଇ ଅତ୍ୟନ୍ତ ପାରିବାରିକ ହୋଇ ଜୀବନ ନିର୍ବାହ କରୁଥିବା ଏହି ସର୍ଜନ ଯୁଗଳ ଲାଗନ୍ତି ସତସତିକା ଆଶୀର୍ବାଦିତ । ଉଭୟେ ଶିକ୍ଷାକ୍ଷେତ୍ରରେ କାମ କରନ୍ତି । ପ୍ରାଚୀନ ଲୋକଗୀତ, ଲୋକକଳାକୁ ନେଇ ସାଂଗଠନିକ କାମ କରନ୍ତି । ଫୁଲକୁ , ଶବ୍ଦକୁ , ସଙ୍ଗୀତକୁ, ଛାତ୍ରଛାତ୍ରୀଙ୍କୁ, ସମ୍ପର୍କକୁ ମଣିଷଙ୍କୁ ଖୁବ୍ ଭଲପାଉଥିବା ଏହି ଯୋଡ଼ିଙ୍କୁ ଦେଖିଲେ ମନରେ ଯେଉଁ ପବିତ୍ରତାର ଭାବ ସଂଚାର ହୁଏ ତାହା ହିଁ ପ୍ରେମ ।



–ମାନମୟୀ ରଥ
ସେଣ୍ଟଜାଭିୟର୍ସ କିତ୍ର, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯



# ସ୍ପର୍ଶ

-ସୁଶ୍ରୀ ହରପ୍ରିୟା ସାହୁ

ତୁମରି ଛୁଆଁରେ
କେମିତି ବଦଳେ
ପ୍ରାଚୀନ ଅନ୍ଧାରୀ ଦେହ
ତୁମରି ପରଶେ
କେମିତି ଯେ ଲିଭେ
ଜୀବନର ଯେତେ ଦାହ ।
ତୁମ ଚାହାଣୀର
ଚନ୍ଦ୍ରିକା ଭିତରେ
ଫୁଟି ପଡୁଥାଏ
ପ୍ରେମର ବର୍ଣ୍ଣ ବିଭା
ତୁମେ ମୋ ଷଠୀର
ପ୍ରଥମ ଜ୍ୱଳନ
ଅନ୍ତିମ ଜୁଇର ଆଭା ।

-ପଥୁରିଆ ସାହି, ପୁରୀ
ମୋ: ୭୭୩୫୫୨୯୩୧୯



# ନକ୍ଷତ୍ରର ଘର

-ଲକ୍ଷ୍ମଣ କୁମାର

ସବୁକିଛି ଯେତେବେଳେ ନିଶ୍ଚୁପ, ନିଥର ପାଲଟିଯାଇଥାଏ ଗଭୀର, ବିଜନ ରାତ୍ରିରେ, ମୁଁ ତୋ' ସହ କଥା ଯୋଡୁଥାଏ ଚୁପ୍‌ଚାପ, ନୀରବରେ, ମନର ସୂକ୍ଷ୍ମ ଜଗତରେ। ଏମିତି ହିଁ ଚାଲିଥାଏ ତୋ' ସହ ମୋର ସୂକ୍ଷ୍ମ ଜଗତରେ। ଏମିତି ହିଁ ଚାଲିଥାଏ ତୋ' ସହ ମୋର ସୂକ୍ଷ୍ମ-ଆଳାପ। କେବେ କେବେ ଆମେ ଦୁହେଁ ପରସ୍ପରର ହାତ ଧରି ବାଟ ଚାଲୁଥାଉ ଛାୟାପଥରେ। ତୁ ପଚାରୁଥାଉ: ଇସ୍.. କେତେ ନକ୍ଷତ୍ର ସବୁ। କେଉଁ ତାରାଟି ଆମ ଘର? ଗୋଟିଏ ଜକ୍‌ଜକ୍ ଉଜ୍ଜଳ ନକ୍ଷତ୍ରକୁ ମୁଁ ଦେଖାଇଦିଏ। ଯେଉଁଠି ଥାଏ ସହସ୍ର ପଦ୍ମର ତୋରଣ। ସେଠି ଆମ ଘରଟି ତିଆରି ହୋଇଥାଏ ପ୍ରଜାପତିର ଡେଣା ଓ ଫୁଲଙ୍କ ପାଖୁଡ଼ାରେ।

: ଇସ୍.. କି ସୁନ୍ଦର। ତୁ କହୁ। ଆଚ୍ଛା, ନକ୍ଷତ୍ରର ଏଇ ଘରେ ଆମେ କେତେଦିନ ରହିବା?

: ଯେତେଦିନ ପର୍ଯ୍ୟନ୍ତ ଏ ନକ୍ଷତ୍ରଟି ଥିବ।

: ତା'ମାନେ ଅନନ୍ତ କାଳ ପର୍ଯ୍ୟନ୍ତ!

: ନିଶ୍ଚୟ। କିନ୍ତୁ ଏ ନକ୍ଷତ୍ରରୁ ଆମେ ଅନ୍ୟ ନକ୍ଷତ୍ରକୁ ବି ଯିବା। ଯେବେ ଏ ନକ୍ଷତ୍ରର ଆୟୁଷ୍ମାନ ସରିଯିବ।

: ଆଉ ଆମେ କ'ଣ ପୃଥିବୀକୁ ଯିବାନି?

: ନିଶ୍ଚୟ ଯିବା। ପୃଥିବୀର ଘରକରଣା ସାରି ପ୍ରତି ଜନ୍ମରେ ଆମେ ଏଇ ନକ୍ଷତ୍ରଲୋକକୁ ଫେରି ଆସୁଥିବା। ଏଇଠୁ ପୁଣି ପ୍ରତ୍ୟାବର୍ତ୍ତନ କରୁଥିବା ଧୂଳିମାଟିର ସ୍ୱର୍ଗକୁ। କାହିଁକି ଜାଣୁ?

: କାହିଁକି?

ସୁଖ ଅନୁଭବ କରିବାକୁ ହେଲେ ଦୁଃଖ ଆସିବା ଲୋଡ଼ା। ଆଲୁଅକୁ ଭେଟିବାର ଅନୁଭୂତି ସେତେବେଳେ ମଧୁର, ଯେବେ ତା' ଆଗରୁ ଅନ୍ଧାର ହିଁ ଥିବ। ପୃଥିବୀରେ ସେହି ସୁଖ, ଦୁଃଖ, ଆଲୁଅ, ଅନ୍ଧାର ଅଛି। ସେଇଠି ଲୁହର ନଈରେ ସ୍ନାନ କରିଆସିଲେ ଏଇଠି ନକ୍ଷତ୍ର ଜଗତରେ, ସୂକ୍ଷ୍ମଲୋକରେ ସୁଖ କ'ଣ ଅନୁଭବ କରିପାରିବା।

ଏମିତି ହିଁ ଚାଲିଥାଏ ଆମର ଆଳାପ। ଆମ ଭିତରେ ଥାଏ କେତେ ଶହ କିଲୋମିଟର ବ୍ୟବଧାନ। କିନ୍ତୁ ଏଇ ସ୍ଥୂଳ ବ୍ୟବଧାନ କ'ଣ ରୋକିପାରେ ତୋ' ନିଃଶ୍ୱାସ, ମୋ' ନିଃଶ୍ୱାସ, ତୋ' ସ୍ୱପ୍ନ, ମୋ' ସ୍ୱପ୍ନ, ତୋ' ହୃଦୟ, ମୋ ହୃଦୟ, ତୋ' ମନ, ମୋ' ମନ, ତୋ' ଆତ୍ମା ଓ ମୋ' ଆତ୍ମାର ସଂଯୋଗକୁ!

କେବେ କେବେ ମୋ' ଭାବନାର ତରଙ୍ଗ ଯାଇ ଛୁଏଁ ତୋ'ର ଛାତିର ଝରକା ଓ ଅକସ୍ମାତ ତୋ'ର ଫୋନ୍ ଆସେ। ମୁଁ ବିସ୍ମିତ ହୁଏ। ଅଳସ ରାତ୍ରିର ଶେଷ ପ୍ରହରରେ ପାହାନ୍ତିଆ ତାରା ଦପ୍ ଦପ୍ କରୁଥାଏ ପୂର୍ବ ଆକାଶରେ। ମୋତେ ଲାଗେ ତୁ ହିଁ ତାରାଟିଏ ହୋଇ ଦପ୍‌ଦପ୍ ଜଳୁଛୁ ମୋ' ଛାତିର ଆକାଶରେ। ମୁଁ କହେ: ରାତି ଶେଷ ହେବା ଆହୁରି ବାକି ଅଛି। ତୁ ଶୋଇପଡ଼।

: ନାଇଁ, ମୁଁ ଶୋଇବିନି। ତନ୍ଦ୍ରାବିଜଡ଼ିତ କୋମଳ ସ୍ୱର ତୋ'ର ଆହୁରି ମଧୁର ଶୁଭେ।

: ଏଇ ଦେଖ, ମୁଁ ତୁମ ରୁମ୍‌ର ଝରକା କଡ଼ରେ ଛିଡ଼ା ହୋଇଛି ଗଙ୍ଗଶିଉଳି ଗଛ ହୋଇ ଓ ମୋ' ଦେହରେ ଅସଂଖ୍ୟ ସ୍ୱପ୍ନର ଫୁଲ। ପାହାନ୍ତାରେ ସେ ସବୁ ଝରିପଡ଼ିଥିବା ତୁମେ ତୁମ ପାପୁଲିରେ ଗୋଟାଇନେବନା।?

: ନିଶ୍ଚୟ ଗୋଟାଇନେବି।

: ଚୋର! ତୁ ମଧୁର ଅଭିମାନରେ କହୁ।

: ଖାଲି ଫୁଲ ସବୁ ଗୋଟାଇନେବ? ଆଉ ମୋତେ ନୁହେଁ?

: ନିଶ୍ଚୟ। ତତେ ବି କୋଳେଇ ନେବି।

: ତା'ପରେ.. ମୋତେ କଉଠିକୁ ନେବ?

: ତାରାର ଆଲୁଅରେ ଝଲସୁଥିବା ଗୋଟେ ଘରକୁ ଯାହା ତିଆରି ହୋଇଥିବ ତୋ' ହୃଦୟର ଫୁଲ ପାଖୁଡ଼ା ଓ ମୋ' ମନର ପ୍ରଜାପତି ଡେଣାରେ।

-'ଦିଗ୍‌ବଳୟ'
ଲେଣ୍ଡା, ବରପାଲି, ବରଗଡ଼
ମୋ:୯୪୩୯୦୪୦୯୩୭

# ସ୍ମୃତିରେ...

-ଭରତ ଚନ୍ଦ୍ର ଦାଶ

ଏକ
ସ୍ମୃତି ତୁମେ ମୋର ଅଧରର ଭାଷା
ନିରବତା ତୁମ ପ୍ରାଣ
ସ୍ମୃତି ତୁମେ ମୋର ଜୀବନର ଗାଥା
ଆଖି ବୁଝିପାରେ ମନ।
ଦୁଇ
ସ୍ମୃତି ତୁମେ ମୋର ନବ ବରଷର
ହୃଦୟେ ସାଇତା ଛବି
ସ୍ମୃତି ତୁମେ ମୋର ଶୁଭେଚ୍ଛାର ପତ୍ର
ସୁନେଲି ଆଶାର ରବି।
ତିନି
ସ୍ମୃତି ତୁମେ ମୋର ଦେହର ଭୂଗୋଳ
ମୁଁ ଯେ ତା'ର ଭୂମିରୂପ
ସ୍ମୃତି ତୁମେ ମୋର ହୃଦ ମନ୍ଦିରର
ପ୍ରୀତିର ସକାଳ ଧୂପ।
ଚାରି
ସ୍ମୃତି ତୁମେ ମୋର ଶୀତୁଆ ସକାଳ
ପ୍ରୀତିର ନିଦୁଆ ଗାଆଁ
ସ୍ମୃତି ତୁମେ ମୋର ଚାଦର ତଳର
ବରଷା ପାଗର ବାଆ।
ପାଞ୍ଚ
ସ୍ମୃତି ତୁମେ ମୋର ପାଦର ଅଳତା
ଲୋହିତ ବର୍ଣ୍ଣର ବିଭା
ସ୍ମୃତି ତୁମେ ମୋର ପ୍ରଣୟ କବିତା
ପ୍ରୀତି ପ୍ରତ୍ୟୟର ଶୋଭା।

-ମାର୍କୋଣା, ବାଲେଶ୍ୱର
ମୋ: ୮୯୮୪୪୩୯୧୬୬



# ସନ୍ଦୀପଙ୍କ କ୍ୟାମ୍ପରେ ସଲମାନ୍



ସନ୍ଦୀପ-ସଲମାନ୍

ସଲ୍ଲୁ ମିଆଁ ଓରଫ ସଲମାନ ଖାଁଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କର ଆଉ ଏକ ଆଶା ନିକଟରେ ପୂରଣ ହୋଇଛି। 'ଆନିମଲ' ହିଟ୍ ସାବ୍ୟସ୍ତ ହେବା ପରେ ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ସିନେମାରେ ଅଭିନୟ କରିବାକୁ ସେ ଇଚ୍ଛା କରିଥିଲେ। ଯାହାହେଉ ତାଙ୍କର ଏଭଳି ସ୍ୱପ୍ନ ଏବେ ସାକାର ହୋଇଛି। ସନ୍ଦୀପ ତାଙ୍କର ଆଗାମୀ ଫିଲ୍ମର ମୁଖ୍ୟ ଭୂମିକା ପାଇଁ ସଲମାନଙ୍କୁ ସାଇନ୍ କରାଇଛନ୍ତି। ଏ ନେଇ ସଲମାନ କହନ୍ତି, 'ଯେତେବେଳେ ସନ୍ଦୀପଜୀ ମୋତେ ଫୋନ୍ କରି ଆପଏଣ୍ଟମେଣ୍ଟ ମାଗିଲେ ମୁଁ ଡେରି ନ କରି ତାହାକୁ ଫିକ୍ସ କରିଥିଲି। ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଥିବା ଆକସନ ଥ୍ରୀଲର ବିଶିଷ୍ଟ ନୂଆ ସିନେମାରେ ମୁଁ ଅଭିନୟ କରିବାକୁ ଯାଉଛି। ଏଥିରେ ମୋ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି। ଆଶା ରଖିଛି 'ଆନିମଲ୍' ପରି ଏହି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ।' ସନ୍ଦୀପଙ୍କର ଏହି ନୂଆ ପ୍ରୋଜେକ୍ଟ ପାଇଁ କେବଳ ସଲମାନ ହିଁ ଫିଟ୍ ବୋଲି ସେ ସୂଚନା ଦେଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ନିର୍ଦ୍ଦେଶନାରେ ଆଉ ଏକ ସିନେମାର ଘୋଷଣା ଖୁବ୍ ଶୀଘ୍ର କରାଯିବ, ଯେଉଁଥିରେ ପ୍ରଭାସ ଏବଂ ଆଲ୍ଲୁ ଅର୍ଜୁନ ଅଭିନୟ କରିବାର ଯୋଜନା ରହିଛି।

# ଭୋଟ



'ଭୋଟ' ଫିଲ୍ମରେ ସୁଶାନ୍ତ-ପିଙ୍କି ପ୍ରିୟଦର୍ଶିନୀ

ରିତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି ଭିନ୍ନ ଧରଣର ଓଡ଼ିଆ ସିନେମା 'ଭୋଟ'। ଅଜୟ ମହାପାତ୍ରଙ୍କ ଦ୍ୱାରା ରଚିତ ଏକ ପୁସ୍ତକକୁ ଆଧାର କରି ଉକ୍ତ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ତେବେ ଏହା ପୂର୍ବରୁ ଏହା ଥିଏଟର ନାଟକ ଭାବରେ ପ୍ରଦର୍ଶିତ ହୋଇସାରିଛି। ଅନେକ ସ୍ଥାନରେ ଏହା ସଫଳ ନାଟକ ଭାବରେ ପୁରସ୍କୃତ ବି ହୋଇଛି। ବାସ୍, ସେହି କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାକୁ ସ୍ଥିର କରିଥିଲେ ପ୍ରଯୋଜକ ଅତୀଶ କୁମାର ରାଉତ। ଫିଲ୍ମଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦେବାଶିଷ ମହାପାତ୍ର। ଖାସ୍ କଥା ହେଲା, ଅନେକ ସିନେମାର ସହ-ନିର୍ଦ୍ଦେଶକ ସାଜିବା ପରେ ଏହି ଫିଲ୍ମରୁ ସେ ସୋଲୋ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରୁଛନ୍ତି। ସୁପରହିଟ୍ ଫିଲ୍ମ 'ଦ କେରଲା ଷ୍ଟୋରି'ର ସିନେମାଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ର ଏହାର ଡିଓପି ଭାବରେ କାର୍ଯ୍ୟ କରିଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଦାସ। ଫିଲ୍ମ ସମ୍ପର୍କରେ ଅତୀଶ କହନ୍ତି, 'ଏହାର କାହାଣୀ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଆଧାରିତ। ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ତା'ସହ ଗୋଟିଏ ଭୋଟ କେତେ ମୂଲ୍ୟବାନ୍ ତାହା ଏଥିରେ ଦେଖିବାକୁ ମିଳିବ। ଚିତ୍ରଟିର ବିଭିନ୍ନ ଭୂମିକାରେ ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ହର ରଥ, ଉଷସୀ ମିଶ୍ର, ରାନୁ ପାଢ଼ୀ, ପିଙ୍କି ପ୍ରିୟଦର୍ଶିନୀ, ହାଡୁ, ଦେବୀ ବାରିକ, ବନମାଳି ପାଣ୍ଡିଆ ଏବଂ ନବାଗତ ସୁଶାନ୍ତ, ଶୀତାଂଶୁ, ସୌମ୍ୟ ଏବଂ ଶ୍ରେୟା ଅଭିନୟ କରିଛନ୍ତି।

# ରହସ୍ୟ ଖୋଲିଲେ ରବୀନା

ରବୀନା ଟଣ୍ଡନ ନିକଟରେ ନିଜ ଅଭିନୟ ଜୀବନର ଏକ ଘଟଣା ଉପରୁ ରହସ୍ୟ ଖୋଲିଛନ୍ତି। ଯେତେବେଳେ ତାଙ୍କୁ ସଫଳତା ପରେ ସଫଳତା ମିଳି ଚାଲିଥିଲା ସେତିକି ବେଳେ ଶାହରୁଖଙ୍କ ସହ ଅଭିନୟ କରିବାକୁ ଅଫର ଦିଆଯାଇଥିଲା। ପୁଣି ଗୋଟିଏ ନୁହେଁ, ଚାରୋଟି ଫିଲ୍ମରେ ତାଙ୍କର ନାୟିକା ସାଜିବାର ସୁଯୋଗ ମିଳିଥିଲା। ହେଲେ ସେଗୁଡ଼ିକୁ ଗ୍ରହଣ କରି ନ ଥିଲେ ରବୀନା। ତନ୍ମଧ୍ୟରୁ ଗୋଟିଏ ଥିଲା ସୁପରହିଟ୍ 'ଡର୍'। ଏଥିରେ ଯେତେବେଳେ ତାଙ୍କୁ ଆକ୍ଟିଂ କରିବାକୁ ଅଫର ଦିଆଗଲା ସେ ମନା କରିଦେଇଥିଲେ। ସେ ସମୟରେ ଏହାକୁ ନେଇ ବେଶ୍ ଆଲୋଚନା ହୋଇଥିଲା। କିନ୍ତୁ ତାହାର ଅସଲ କାରଣ କ'ଣ ଥିଲା ସେ ବିଷୟରେ ରବୀନା କହନ୍ତି, 'ସେତେବେଳେ ମୋ ହାତରେ ଗୁଡାଏ ଅଫର ଥିଲା। ତେଣୁ 'ଡର୍' ଭଳି ଏକ ସସ୍‌ପେନ୍ସ ଥ୍ରୀଲରରେ ଅଭିନୟ କରିବାକୁ ମୁଁ ରାଜି ହୋଇ ନ ଥିଲି। ଏହାବ୍ୟତୀତ ଆଉ କୌଣସି କାରଣ ନ ଥିଲା। କେବଳ ସମୟ ଅଭାବରୁ ମୁଁ ସେତେବେଳେ ଶାହରୁଖଙ୍କ ସହ ଚାରୋଟି ଅଫରକୁ ହାତଛଡା କରିଥିଲି। ପରେ ତାକୁ ନେଇ ଅନେକ ଆଲୋଚନା ହୋଇଥିଲା। ହେଲେ ସେସବୁ କେବଳ ଗୁଜବ ଥିଲା। ଶାହରୁଖ ହେଉଛନ୍ତି ମୋର ଅନ୍ୟତମ ପ୍ରିୟ ଅଭିନେତା।' ବର୍ତ୍ତମାନ ଅହମ୍ମଦ ଖାଁଙ୍କ ନିର୍ମାଣାଧୀନ ସିନେମା 'ୱେଲକମ୍ ଟୁ ଦ ଜଙ୍ଗଲ'ରେ ରବୀନା ଅଭିନୟ କରୁଛନ୍ତି।



ରବୀନା

# ଖୁସି ରହସ୍ୟ

ଆଲିୟା ଭଟ୍ଟଙ୍କ ଖୁସି କହିଲେ ନ ସରେ। କେମିତି ବା ସେ ଖୁସି ହେବେନି କହୁନାହାନ୍ତି ? ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶରାଜ ଫିଲ୍ମସ (ୱାଇଆରଏଫ)ରୁ ଅଫର ମିଳିବ ପୁଣି ତାହାକୁ ସେ ଅଣଦେଖା କରିବେ। କଥା କ'ଣ କି ଏହି ବ୍ୟାନରରେ ଏକ ରହସ୍ୟ ରୋମାଞ୍ଚଭରା ସିନେମା ପ୍ରସ୍ତୁତ ହେବାକୁ ଯାଉଛି। ଜଣେ ଗୁପ୍ତଚର ଜୀବନର ଝଲକ ଏଥିରେ ଦେଖିବାକୁ ମିଳିବ। ପ୍ରଯୋଜକ ଆଦିତ୍ୟ ଚୋପ୍ରା ଏଭଳି ଭୂମିକା ପାଇଁ କାହାକୁ ସାଇନ୍ କରାଇବେ ସେ ନେଇ ଟେନସନରେ ଥିଲେ। ଦିନେ ଚିନ୍ତା କରୁ କରୁ ହଠାତ୍ ଆଲିୟାଙ୍କ କଥା ତାଙ୍କ ମନକୁ ଆସିଥିଲା। ଆଉ ତା'ପରେ ବିଳମ୍ବ ନ କରି ସେ ତାଙ୍କ ସହ ଯୋଗାଯୋଗ କରିଥିଲେ। ଏଭଳି ଏକ ସୁଯୋଗ ପାଇବା ପରେ ଆଲିୟା ମଧ୍ୟ ଗ୍ରୀନ୍ ସିଗନାଲ ଦେଖାଇ ସାରିଛନ୍ତି। ଆଦିତ୍ୟ ଏହାର ନିର୍ଦ୍ଦେଶନା ଦାୟିତ୍ୱ ଜଣେ ନବାଗତ ନିର୍ଦ୍ଦେଶକଙ୍କୁ ଦେଇଛନ୍ତି। ସେ ହେଲେ ଶିବ୍ ରାୱ୍‌ଲି। ଏଥିରେ ଗୁପ୍ତଚର ଭୂମିକାରେ ଆଲିୟାଙ୍କ ବ୍ୟତିତ ଶରବରୀ ୱାଗ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଚଳିତ ବର୍ଷ ହିଁ ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଆଲିୟା

# ସାମ୍ବାଦିକା ହେଲେ ଭୂମି

ଭୂମି ପେଦନେକର ସାମ୍ବାଦିକତାକୁ ପେଶା ଭାବରେ ଗ୍ରହଣ କରିଛନ୍ତି। ପୁଣି ବେଶ୍ ଭାବିଚିନ୍ତି ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। କାରଣ ଏହାଦ୍ୱାରା ସେ ସମାଜ ପାଇଁ କିଛି କାମ କରିପାରିବେ। ଏହାର କ'ଣ ଏଇଆ ଅର୍ଥ ଯେ, ସେ ଅଭିନୟକୁ ଗୁଡବାୟ କରିଦେଲେ ? ନା, ଏଭଳି ଭାବନ୍ତୁ ନାହିଁ। କଥା କ'ଣ କି ନିକଟରେ ଏକ ଫିଲ୍ମରେ ତାଙ୍କୁ ଜଣେ ସାମ୍ବାଦିକା ଭାବରେ ଦେଖିବାକୁ ମିଳିଛି। ଫିଲ୍ମଟିର ଟାଇଟଲ ରହିଛି 'ଭକ୍ଷକ'। ସମ୍ପ୍ରତି ସମାଜରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଜଣେ ମହିଳା ଆଗଭର ହୋଇଛି। ଲୋକମାନଙ୍କୁ ନ୍ୟାୟ ଦେବାକୁ ସେ ସାମ୍ବାଦିକା ହେବାକୁ ନିଷ୍ପତ୍ତି ନେଇଛି। ହେଲେ ଶେଷରେ ଏହାର ପରିଣତି କ'ଣ ହେଉଛି ତାହା ଫିଲ୍ମଟି ଦେଖିଲେ ଜାଣିପାରିବେ। ପୁଲକିତ ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହି ଫିଲ୍ମରେ ଭୂମିଙ୍କ ବ୍ୟତୀତ ଆଦିତ୍ୟ ଶ୍ରୀବାସ୍ତବ, ସୂର୍ଯ୍ୟ ଶର୍ମା, ଦୁର୍ଗେଶ କୁମାର, ସଞ୍ଜୟ ମିଶ୍ରା ଏବଂ ବିଶିଷ୍ଟ ଓଡ଼ିଆ ଅଭିନେତା ତଥା ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ତ୍ରିପାଠୀ ମଧ୍ୟ ଅଭିନୟ କରିଛନ୍ତି।



ଭୂମି

# ସବୁ ମିଛ

ଶୁଣିବାକୁ ମିଳୁଛି ଯେ କରୀନା କପୁର ଓରଫ ବେବୋ ଏକ ନୂଆ ଅଫର ପାଇଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଏହାକୁ ନେଇ ଆଲୋଚନା ଚାଲିଥିବା ବେଳେ ଶେଷକୁ ବାଧ ହୋଇ ମୁହଁ ଖୋଲିଛନ୍ତି ସେ। ଏ ବିଷୟରେ ସଫେଇ ଦେଇ କରୀନା କହନ୍ତି, 'କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛନ୍ତି। ମୋତେ ଏକ ନୂଆ ପ୍ରୋଜେକ୍ଟ ମିଳିଛି ସତ, ହେଲେ ଏହା ଏବେ କେବଳ ଆଲୋଚନାରେ ହିଁ ସୀମିତ ରହିଛି। କାରଣ କେତେକ କାରଣରୁ ମୁଁ ଏହି ଅଫରକୁ ହାତଛଡା କରିପାରେ। ହେଲେ ଏହାପଛରେ ପାରିଶ୍ରମିକର ଟିକିଏ ହେଲେ ସମ୍ପର୍କ ନାହିଁ। ବର୍ତ୍ତମାନ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇବାର କିଛି କାରଣ ହିଁ ନାହିଁ। କାରଣ ମୁଁ ସବୁବେଳେ ଆକ୍ଟିଂ ଉପରେ ଗୁରୁତ୍ୱ ଦେଇଥାଏ। ତେଣୁ ଏଭଳି ଗୁଜବକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି।' ଆକ୍ଟିଂ କ୍ୟାରିୟରରେ କରୀନା କେତୋଟି ଭଲ ଭଲ ଅଫର ହାତଛଡା କରିଥିଲେ। ରାକେଶ ରୋଶନଙ୍କ 'କହୋନା ପ୍ୟାର ହେ'ରେ ହ୍ରିତିକଙ୍କ ନାୟିକା ସାଜିବାକୁ ତାଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ସେ ମନା କରିବାକୁ ଅମୀଷା ପଟେଲଙ୍କୁ ସାଇନ୍ କରାଯାଇଥିଲା। କେବଳ ସେତିକି ନୁହେଁ, ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍'ରେ ରାଣୀ ମୁର୍ଖାଜୀଙ୍କୁ କାଷ୍ଟିଂ ଅନ୍ତର୍ଭୁକ୍ତ କରିବା ପୂର୍ବରୁ କରୀନାଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଏହାକୁ ମଧ୍ୟ ସେ ଗ୍ରହଣ କରି ନ ଥିଲେ। କରୀନାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୦ରୁ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ରିଫ୍ୟୁଜି'। ସେହି ବର୍ଷ ସେ ହ୍ୟାଟ୍ରିକ ଅର୍ଜନ କରିଥିଲେ। କାରଣ ଡେବ୍ୟୁ ଫିଲ୍ମ ବ୍ୟତୀତ ଉକ୍ତ ବର୍ଷରେ 'ମୁଝେ କୁଛ୍ କହନା ହେ' ଏବଂ 'ୟାଦେଁ' ପରଦା ଉପରକୁ ଆସିଥିଲା। କରୀନା ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି- 'ଅଜନବୀ', 'ଅଶୋକା', 'କଭି ଖୁସି କଭି ଗମ୍', 'ମୁଝ୍‌ସେ ଦୋସ୍ତି କରୋଗି', 'ଏଲଓସି କାରଗିଲ୍', 'ଚମେଲି', 'ହଲ୍‌ଚଲ୍' 'ବେୱଫା', 'ଓମ୍‌କାରା', 'ଡନ୍', 'ଗୋଲ୍‌ମାଲ୍ ରିଟର୍ନସ', 'ଥ୍ରୀ ଇଡିୟଟସ', 'ବଡିଗାର୍ଡ', 'ଦବଙ୍ଗ-୨', 'ବଜରଙ୍ଗୀ ଭାଇଜାନ୍', 'ଗୁଡ୍ ନ୍ୟୁଜ', 'ଅଙ୍ଗ୍ରେଜୀ ମିଡିୟମ', ଏବଂ 'ଲାଲ୍ ସିଂ ଚଢ଼ା'। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ଦ କ୍ରିୟୁ' ଏବଂ 'ସିଙ୍ଘମ ରିଟର୍ନସ'ର ନିର୍ମାଣ ଚାଲୁ ରହିଛି।



କରୀନା

# କନକଗୋରୀ, ଭାରି ଚାତୁରୀ, ଇସାରାରେ ମନ କରିଛି ଚୋରି

**ପ୍ରଶ୍ନ**–ସେହିସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିଜୟ ସାହୁ, ବଲାଙ୍ଗୀର*

**ଉତ୍ତର:** 'କନକଗୋରୀ, ଭାରି ଚାତୁରୀ, ଇସାରାରେ ମନ କରିଛି ଚୋରି'। ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ହେଲେ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ।

*–ତପନ କୁମାର, ଢେଙ୍କାନାଳ*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ରିତେଶ ରାୟ, ରାଉରକେଲା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**–ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ? *–ଅମନ କୁମାର, କଟକ*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ପାଣିଚିଆ ଲାଗିବ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।

ସାଥୀ



ମନିଷା

ପ୍ରଥମ ରୋଜଗାର




ଲେଖିକା ଓ ପ୍ରକାଶିକା ଅମ୍ବିକା ସ୍ୱାଇଁ ତାଙ୍କ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...


## ଠାକୁରଙ୍କୁ ସମର୍ପି ଦେଇଥିଲି

କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ସେରପୁର ନାମକ ଏକ ଛୋଟିଆ ଗ୍ରାମରେ ମୋର ଜନ୍ମ। ଏପଟେ ଚିତ୍ରୋତ୍ପଳା ଏବଂ ସେପଟେ ଲୁଣା ନଦୀର ମଝିରେ ଆମ ଗାଁ । ପିଲାଦିନୁ ଚିତ୍ରୋତ୍ପଳା ନଦୀ ସହ ଖୁବ ନିବିଡ଼ ସମ୍ପର୍କ। ଆମର ଯୌଥ ପରିବାର। ବଡବାପା, ବାପା, ବଡ଼ଦାଦା, ସାନଦାଦାଙ୍କର ସମସ୍ତ ଭାଇ ଭଉଣୀ ମିଶି ଅଠର ଜଣ । ଏଗାର ଭଉଣୀ, ୭ ଭାଇ । ମୋ ବାପା ମାଆଙ୍କର ମୁଁ ଦ୍ୱିତୀୟ କିନ୍ତୁ ଜ୍ୟେଷ୍ଠ କନ୍ୟା। ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଥିଲା ବେଳେ ମୋ ଭିତରେ ଥିବା ଭଲ ଗୁଣ ସବୁ ଦେଖି ଶରତ ସାର୍ ମୋ ନାଁ ଅମିତାରୁ ଅମ୍ବିକା କରିଦେଲେ। ପିଲାଦିନୁ ମୋ ଭିତରେ ନୂଆ କିଛି ଶିଖିବାର ଇଛା ଥିଲା। ବାହାହେବା ପରେ ଆମେ ରହୁଥିବା ଘରଠାରୁ କିଛି ଦୂରରେ ଗୋଟିଏ ବୁଟିକ୍‌ଟିଏ ଥାଏ । ମୁଁ ସେଇବାଟେ ଗଲାବେଳେ ଦିନେ ଭିତରକୁ ପଶିଗଲି ଦେଖିଲି ଅନେକ ମହିଳା ଏବଂ ଝିଅ ଷ୍ଟିଚିଂ ଶିଖୁଛନ୍ତି। ମୋର ଭାରି ଇଛା ହେଲା ଏସବୁ ଶିଖିବାକୁ। ତା'ପରଦିନ ଆସି ଟ୍ରେନିଂ ସ୍କୁଲରେ ଆଡ଼ମିସନ ନେଲି। କୋର୍ସ ସରିବା ପରେ ଖୁସିରେ ପ୍ଲେନ ଶାଢୀ, ବେଡ଼ସିଟ୍ ଏବଂ ଡ୍ରେସ ଉପରେ ସୁନ୍ଦର ସୁନ୍ଦର ଡିଜାଇନ କାମ କରିବା ଆରମ୍ଭ କଲି। ଯିଏ ବି ଘରକୁ ଆସନ୍ତି ଦେଖି ଖୁସି ହୁଅନ୍ତି । ଆମ ପଡିଶା ଘରେ ଜଣେ ନବବିବାହିତ ବଙ୍ଗାଳି ସ୍ୱାମୀ ସ୍ତ୍ରୀ ଆସି ଭଡାରେ ରହିଥାନ୍ତି । ଦିନେ ତାଙ୍କ ସ୍ୱାମୀ ଅଫିସ ଗଲାପରେ ସେ ଆମ ଘରକୁ ବୁଲି ଆସିଥିଲେ । ମୋ ନିଜ ପାଇଁ ମୁଁ ଦୁଇଟା ଅଲଗା ଅଲଗା ରଙ୍ଗର ପଶାପଲି ପ୍ୟାଚ ୱାର୍କ ଶାଢୀ ତିଆରି କରି ଟେବୁଲ ଉପରେ ରଖିଥାଏ । ସେ ଭଦ୍ର ମହିଳା ଶାଢୀ ଦୁଇଟିକୁ ଦେଖି ଖୁବ ଖୁସି ହେଲେ ଏବଂ ସେଥିରୁ ଗୋଟିଏ ହାଲକା ପିଙ୍କ କଲର ଶାଢୀ ଧରି କହିଲେ ମୁଁ ଶାଢୀଟି କିଣି ନେବି। କେତେ ଦାମ ? ମୁଁ ହସି ଦେଲି ଏବଂ କହିଲି, ନାଇଁ ନାଇଁ ବିକ୍ରି ପାଇଁ ମୁଁ କରିନି। ନିଜ ପାଇଁ କରିଛି । କହିଲେ ନାଇଁ ଦିଦି ମୋତେ ଏ ଶାଢୀ ବହୁତ ଭଲ ଲାଗୁଛି ମୁଁ କିଣି ନେବି । ମୁଁ କହିଲି ଠିକ୍ ଅଛି ପଇସା ଦରକାର ନାହିଁ ଯଦି ତୁମକୁ ଭଲ ଲାଗୁଛି ତେବେ ନିଅ ପିନ୍ଧିବ । ସେ କହିଲେ ଆପଣ ଏତେ ପରିଶ୍ରମ କରି ତିଆରି କରିଛନ୍ତି ମୁଁ ସେମିତିରେ ନେବିନି ମୋତେ ଖରାପ ଲାଗିବ ଏହା କହି ଶାଢୀଟିକୁ ନେଇ ଘରକୁ ଗଲେ।

ଏବଂ ସଙ୍ଗେ ସଙ୍ଗେ ଗୋଟିଏ ପାଞ୍ଚ ଶହ ଟଙ୍କିଆ ନୋଟ ଜବରଦସ୍ତ କରି ମୋ ହାତକୁ ବଢ଼ାଇ ଦେଲେ । ମୋର ପଇସା ନେବାର ଅନିଚ୍ଛା ସତ୍ତ୍ୱେ ବି ମନରେ କେମିତି ଏକ ପୁଲକ ଖେଳି ଗଲା। ଟଙ୍କାଟିକୁ ମୁଣ୍ଡରେ ମାରି ଠାକୁରଙ୍କୁ ସମର୍ପି ଦେଇଥିଲି । ତା'ପରେ ଅନେକ ଅର୍ଡର ଆସିଛି ବିକ୍ରି ମଧ୍ୟ ହୋଇଛି । ଏହାପରେ ସ୍ୱାମୀଙ୍କର କଟକ ଟ୍ରାନ୍ସଫର ହେବାରୁ ମୁଁ ଗୋଟିଏ ଇଂଲିଶ ମିଡ଼ିଅମ ସ୍କୁଲରେ କିଛିଦିନ ପାଇଁ ଶିକ୍ଷକତା କଲି । ପରେ ଆହୁରି ଚାକିରି କରିବାର ସୁଯୋଗ ଆସିଥିଲେ ବି ମୁଁ ଅଗ୍ରାହ୍ୟ କରିଛି । ଏବେ ମୋର ଏକ ପ୍ରକାଶନ ସଂସ୍ଥା ରହିଥିବାବେଳେ ଏକ ପତ୍ରିକାର ସମ୍ପାଦନା ଦାୟିତ୍ୱ ବି ତୁଲାଉଛି। ଯାହାକି ମତେ ସ୍ୱାବଲମ୍ବୀ କରିଛି। ରୋଜଗାର କରୁଛି। କିନ୍ତୁ ହାତକୁ ସେ ଟଙ୍କା ଆସୁନାହିଁ । ସିଧା ଯାଉଛି ବ୍ୟାଙ୍କ ଆକାଉଣ୍ଟକୁ । ତେଣୁ ସେଦିନର ୫୦୦ଟଙ୍କା ରୋଜଗାରର ଖୁସି ମୁଁ କାହିଁ ଆଉ କେବେ ବି ଅନୁଭବ କରିନାହିଁ।

# ହାର୍ଟ ଇମୋଜି





**ଆଜିକାଲି ସମସ୍ତେ ନିଜ ମନର ଭାବକୁ ତୁରନ୍ତ ନିଜ ପ୍ରିୟ ଲୋକ ପାଖକୁ ହ୍ୱାଟ୍ସଆପ କରିଆରେ ମେସେଜ୍ ଓ ସୁନ୍ଦର ଇମୋଜିଟିଏ ଦେଇ ଶେୟାର କରିପାରୁଛନ୍ତି। ସେଥିମଧ୍ୟରେ ବେଶି ବ୍ୟବହାର ହେଉଥିବା ଇମୋଜି ହେଉଛି ହାର୍ଟ ଇମୋଜି। ତେବେ ହ୍ୱାଟ୍ସଆପ୍‌ରେ ଲାଲ ରଙ୍ଗର ହାର୍ଟ ଇମୋଜି ବ୍ୟତିତ ନୀଳ, ବାଇଗଣୀ, ଧଳା, କଳା ସହ ଆହୁରି ଅନେକ ପ୍ରକାରର ଇମୋଜି ଥାଏ। ଆଉ ପ୍ରତ୍ୟେକ ହାର୍ଟ ଇମୋଜିର କିଛି ଭିନ୍ନ ଅର୍ଥ ବି ଥାଏ, ଯାହା ସମ୍ପର୍କରେ ଅନେକେ ଜାଣି ନ ଥାନ୍ତି। ଜାଣିବା ସେ ସମ୍ପର୍କରେ ଓ ଦେବା ଉପଯୁକ୍ତ ହାର୍ଟ ଇମୋଜି ଉପଯୁକ୍ତ ମଣିଷଙ୍କୁ ...**

**ରେଡ୍ ହାର୍ଟ:** ଏହା ଲଭ୍ ହାର୍ଟ ଭାବେ ବେଶ୍ ପରିଚିତ। ଯୁବତୀ ଯୁବକ ନିଜ ପ୍ରେମର ଭାବ ପ୍ରକାଶ କରିବା ଲାଗି ଏହାକୁ ପଠାନ୍ତି। ସବୁଠୁ ଭଲ ବନ୍ଧୁ ଓ ପରିବାରର ସଦସ୍ୟଙ୍କୁ ବି ଏହି ଇମୋଜି ପଠାଯାଏ।


**କମଳା ରଙ୍ଗର ହାର୍ଟ:** ଫ୍ରେଣ୍ଡଶିପ୍, କେୟାର ଓ ସପୋର୍ଟର ଭାବ ଦର୍ଶାଇବା ଲାଗି କମଳା ରଙ୍ଗର ହାର୍ଟ ପଠାଯାଏ।

**ହଳଦିଆ ହାର୍ଟ:** ହଳଦିଆ ହାର୍ଟ ଖୁସିର ପ୍ରତୀକ ହେବାସହ ଏହା ବନ୍ଧୁତାର ପବିତ୍ରତାକୁ ବି ଦର୍ଶାଏ। ବନ୍ଧୁ ଓ ସମ୍ପର୍କୀୟମାନେ ପରସ୍ପରକୁ ଖୁସି କରିବା ଲାଗି ଅବା ନିଜର ଖୁସି ଜାହିର କରିବା ପାଇଁ ଏହି ଇମୋଜି ପଠାଇପାରିବେ। ଏହାବାଦ ଜଣେ ଯୁବକ ଯୁବତୀଙ୍କୁ ଓ ଯୁବତୀ ଯୁବକଙ୍କୁ ବି ଉକ୍ତ ଇମୋଜି ପଠାଇପାରିବେ। କାରଣ ଏହା ବନ୍ଧୁତାର ସମ୍ପର୍କକୁ ଦର୍ଶାଏ। ଅର୍ଥାତ୍ ଏହି ସମ୍ପର୍କରେ ଭଲ ପାଇବା ତ ଥାଏ କିନ୍ତୁ ଏହା ରୋମାଣ୍ଟିକ ସମ୍ପର୍କ ନୁହେଁ।

**ସବୁଜ ହାର୍ଟ:** ସୋସିଆଲ ମିଡ଼ିଆରେ ଏହି ହାର୍ଟକୁ ପଠାଇବାର ଅର୍ଥ ହେଉଛି ଆପଣ କାହାରି ଭଲ ସ୍ୱାସ୍ଥ୍ୟ ଓ ସମୃଦ୍ଧିର କାମନା କରୁଛନ୍ତି।

**ନୀଳ ହାର୍ଟ:** ଏହା ଭରସା, ସୁରକ୍ଷା, ପ୍ରଶଂସା ଓ ସମର୍ଥନକୁ ଦର୍ଶାଏ।





**ବାଇଗଣୀ ହାର୍ଟ:** ଏହି ହାର୍ଟକୁ ସୋସିଆଲ ମିଡ଼ିଆରେ ନିଷିଦ୍ଧ ପ୍ରେମ ସହ ଯୋଡ଼ାଯାଏ। ଅର୍ଥାତ୍ ଏହାକୁ ସେହି ପ୍ରେମ ସହ ଯୋଡ଼ାଯାଏ ଯାହାକୁ ଲୋକେ ଖରାପ ନଜରରେ ଦେଖନ୍ତି। ସେକ୍ସିଟିଭ ଲଭ୍ ପାଇଁ ବି ଏହାକୁ ବ୍ୟବହାର କରାଯାଏ।

**ବାଦାମୀ ହାର୍ଟ:** ଏହାକୁ ଚକୋଲେଟରେ କଭର୍ ହାର୍ଟ ଭାବେ ଗଣନା କରାଯାଏ। ଯେଉଁ ପ୍ରେମ ସମୟ ସହିତ ସବୁ ପ୍ରତିବନ୍ଧକକୁ ଏଡ଼ାଇପାରେ ଏହା ତାହାକୁ ଦର୍ଶାଏ।

**ଧଳା ହାର୍ଟ:** ଏହା ହେଉଛି ସେହି ପ୍ରେମର ପ୍ରତୀକ ଯାହା କେବେ ଶେଷ ହୁଏ ନାହିଁ। ଏହାକୁ ପିଲାଙ୍କୁ ଅବା ମା'ବାପାଙ୍କୁ ପଠାଯାଏ। ସମ୍ବେଦନା ବ୍ୟକ୍ତ କରିବା ଲାଗି ବି ଏହାକୁ ବ୍ୟବହାର କରାଯାଏ।

**କଳା ହାର୍ଟ:** ଏହା ହେଉଛି ଦୁଃଖ, ଶୋକ, ଉଦାସୀର ପ୍ରତୀକ। କୌଣସି ପ୍ରକାରର ଦୁଃଖକୁ ପ୍ରକାଶ କରିବା ଲାଗି ଏହି ହାର୍ଟକୁ ବ୍ୟବହାର କରାଯାଏ। ଅନେକ କ୍ଷେତ୍ରରେ କଳାରଙ୍ଗକୁ ନଜର ନ ଲାଗିବା ପାଇଁ ବ୍ୟବହାର କରଯାଇଥାଏ। ତେଣୁ କାହାରି ସୌନ୍ଦର୍ଯ୍ୟକୁ ପ୍ରଶଂସା କଲାବେଳେ ଲୋକେ କଳା ହାର୍ଟକୁ ବ୍ୟବହାର କରନ୍ତି।

**ସ୍ପାର୍କଲ ହାର୍ଟ:** ଏକ ଗୋଲାପୀ ହାର୍ଟ ଯେଉଁଥିରେ ଚିକମିକ୍ କରୁଥିବା ଷ୍ଟାର୍ ବା ତାରା ଥାଏ, ତାହା ପ୍ରଶଂସା ଓ ଉତ୍ସୁକ ଭାବକୁ ଦର୍ଶାଏ।

**ତୀର ଥିବା ହାର୍ଟ:** ଏହା ନିବିଡ଼ ପ୍ରେମକୁ ଦର୍ଶାଏ। ପ୍ରେମ, ପ୍ରଣୟର ଭାବକୁ ଜଣାଇବା ଲାଗି ସାଧାରଣତଃ ଏହାକୁ ପଠାଯାଏ।

**ରିବନବନ୍ଧା ହାର୍ଟ:** ଗୋଲାପୀ ଅବା ଲାଲରଙ୍ଗର ହାର୍ଟରେ ହଳଦିଆ ରିବନ ବନ୍ଧା ଏହି ଇମୋଜି ଯଦି ଆପଣ କାହାକୁ ଦେଉଛନ୍ତି ତା'ର ଅର୍ଥ ହେଉଛି ଆପଣ ନିଜ ହୃଦୟକୁ ଉପହାରଭାବେ ପ୍ୟାକ କରି ପଠାଉଛନ୍ତି। ଅବା ହାର୍ଟ ଶେପ୍‌ର କ୍ୟାଣ୍ଡି ବକ୍ସ ଉପହାର ସ୍ୱରୂପ ପଠାଉଛନ୍ତି।


**ବ୍ରୋକେନ୍ ହାର୍ଟ:** ଏହାକୁ ଦେଖି ହିଁ ବୁଝିପାରୁଥିବେ ଏହାକୁ ହୃଦୟ ଅବା ବିଶ୍ୱାସ ଭାଙ୍ଗିବା କ୍ଷେତ୍ରରେ ବ୍ୟବହାର କରାଯାଏ।

**ଟୁ ହାର୍ଟ:** ହ୍ୱାଟ୍ସଆପ୍‌ରେ ଏମିତି ବି ଏକ ଇମୋଜି ଅଛି ଯେଉଁଥିରେ ଦୁଇଟି ହାର୍ଟ ଥାଏ। ଅର୍ଥାତ୍ ଗୋଟିଏ ଛୋଟ ଓ ଆଉ ଏକ ବଡ଼ ହାର୍ଟ ଥାଏ। ଏହାର ଅର୍ଥ ହେଉଛି 'ଲଭ୍ ଇଜ୍ଇନ୍ ଦ ଏୟାର୍'। ଏହା ରୋମାଣ୍ଟିକ ଲଭ୍‌ର ପ୍ରତୀକ। ଏହାକୁ ଅନ୍ୟ କ୍ଲୋଜ୍ ରିଲେସନଶିପ ଯେମିତିକି ପରିବାର, ବନ୍ଧୁଙ୍କ ପାଇଁ ବି ବ୍ୟବହାର କରିହେବ।

**ଗ୍ରୋଇଂ ହାର୍ଟ:** ଗୋଟିଏ ଛୋଟ ହାର୍ଟ ଚାରିପଟେ ଧୀରେ ଧୀରେ ବଡ଼ ହେଉଥିବା ହାର୍ଟରେଏହି ଇମୋଜି କୌଣସି ବ୍ୟକ୍ତି, ଜିନିଷ ପ୍ରତି ବଢୁଥିବା ଇଣ୍ଟରେଷ୍ଟ ଓ ଭଲ ପାଇବାକୁ ଦର୍ଶାଏ। ତେଣୁ ନିଜର ପ୍ରିୟ ମଣିଷକୁ ପଠାଇପାରିବେ।

**ଆଶ୍ଚର୍ଯ୍ୟ ଭାବର ହାର୍ଟ:** ଏକ ହାର୍ଟଶେପ୍ ତଳେ ବିନ୍ଦି ଭଳି ଡ଼ଟ୍ ଥିବା ଇମୋଜୀ ହେଉଛି ଏକ୍ସକ୍ଲାମେଟୋରୀ ସାଇନ୍ ହାର୍ଟ। ଏହାକୁ ପ୍ରେମର ଭାବ ଦର୍ଶାଇବା ଲାଗି ବ୍ୟବହାର କରିବା ସହ ଏକ୍ସାଇଟମେଣ୍ଟ ଓ ଆଶ୍ଚର୍ଯ୍ୟ ଭାବ ଦର୍ଶାଇବା ଲାଗି ବି ବ୍ୟବହାର କରିହେବ।

**ଫାୟାର ହାର୍ଟ:** ଏହା ପାସନେଟ୍ ଲଭ୍‌କୁ ଦର୍ଶାଏ। ଏହାବାଦ ପୁରୁଣା ସମ୍ପର୍କକୁ ଜାଳି ନୂଆ ସମ୍ପର୍କରେ ଆଗେଇବାକୁ ବି ଏହା ଦର୍ଶାଇଥାଏ।




ତନୁଶ୍ରୀ-ଗୋଲ୍ଡି

## ହାଃ ହାଃ

### ଗୁଗଲ

ମିଲି ରାଜୁକୁ: କହିଲୁ ଦେଖି ଗୁଗଲ ମେଲ୍ ନା ଫିମେଲ୍ ?
ରାଜୁ: ଫିମେଲ୍।
ମିଲି: ତୁ କେମିତି ଜାଣିଲୁ ?
ରାଜୁ: କାହିଁକି ନା, ସେଣ୍ଟେନ୍ସ ପୁରା ହେବା ଆଗରୁ ସେ ସଜେସନ୍ ଦେବା ଆରମ୍ଭ କରିଦିଏ।

### ରିଚାର୍ଜ

ପ୍ରେମିକାର ଫୋନ୍ ରିସିଭ୍ କରି ପ୍ରେମିକ: କୁହ କେତେ ଟଙ୍କାର ରିଚାର୍ଜ କରିବି ?
ପ୍ରେମିକା: ତମେ ମତେ କ'ଣ ଭାବିଛ ? ମୁଁ କ'ଣ ତୁମକୁ ସବୁବେଳେ ରିଚାର୍ଜ କରିବା ପାଇଁ ଫୋନ୍ କରୁଛି ?
ପ୍ରେମିକ: ସରି..ସରି...। କୁହ ତା'ହେଲେ କ'ଣ ପାଇଁ ଫୋନ୍ କରିଛ ?
ପ୍ରେମିକା: ମୋ ପାଇଁ ଦି'ହଳ ଡ୍ରେସ୍ ଆଣିଦେବ ହେଲା।


### ଚୋର

ପ୍ରଥମ କୁକୁର ଦ୍ୱିତୀୟ କୁକୁରକୁ: ଜାଣିଛୁ, କାଲି ରାତି ୨.୩୦ରେ ଘରେ ପଶିଥିବା ଚୋରକୁ ମୋ ମାଲିକ ଧରିପକେଇଲେ।
ଦ୍ୱିତୀୟ କୁକୁର: ତୁ କ'ଣ କରୁଥିଲୁ କି ? ତୁ କ'ଣ ଚୋର ପଶିଥିବାର ଜାଣିପାରିଲୁନି ?
ପ୍ରଥମ କୁକୁର: ମୁଁ କୁକୁର। ମଣିଷ ନୁହଁ ଯେ, ସାରା ରାତି ମୋବାଇଲ ଦେଖିବି। ମୁଁ ତ ଆରାମରେ ଶୋଇଥିଲି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ: **କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।








# ରୋମାଣ୍ଟିକ୍ ଡେଷ୍ଟିନେଶନ୍

**ଭାଲେଣ୍ଟାଇନ୍ସ ଡେ' ବା ପ୍ରେମଦିବସ ଅବସରରେ ନିଜ ସାଥୀଙ୍କ ସହ ବୁଲିଯିବାକୁ ଅନେକଙ୍କର ଇଚ୍ଛା ଥାଏ; ଯେଉଁଠି ନା ଥିବ କୋଳାହଳ ନା କେହି ଥିବେ ବାଧାଦେବାକୁ । ସେଠାରେ ସେମାନେ ମନଖୋଲି ଦୁଇପଦ କଥା ହେବା ସହ ସୁନେଲି ଭବିଷ୍ୟତକୁ ନେଇ ଅନେକ ରଙ୍ଗିନ ସ୍ୱପ୍ନ ଦେଖିପାରିବେ। ସେମିତି କିଛି ରୋମାଣ୍ଟିକ୍ ଲଭର୍ସ ଡେଷ୍ଟିନେଶନ୍ ସମ୍ପର୍କରେ...**

**ଗୋଆ:** ଏହାକୁ କେହିକେହି ହନିମୁନ୍ ଡେଷ୍ଟିନେଶନ୍ ବୋଲି ବି କହିଥାନ୍ତି। କାରଣ ଦେଶବିଦେଶର ବିଭିନ୍ନ ପ୍ରାନ୍ତରୁ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। ଖାସ୍ କରି ଏଠାକାର ସୁନେଲି ବେଳାଭୂମିରେ ଦମ୍ପତିମାନେ ହାତରେ ହାତ ଛନ୍ଦି ବୁଲିବାରେ ଯେଉଁ ମଜା ଥାଏ, ତାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ। କେବଳ ଦମ୍ପତି କାହିଁକି ପ୍ରେମିକା-ପ୍ରେମିକଙ୍କ ପାଇଁ ବି ଗୋଆ ହେଉଛି ଏକ ପ୍ରିୟତମ ସ୍ଥାନ।

**ଖଣ୍ଡାଲା:** ମହାରାଷ୍ଟ୍ରସ୍ଥିତ ଖଣ୍ଡାଲା ହେଉଛି ଏକ ଲୋକପ୍ରିୟ ଶୈଳନିବାସ। ଏଠାରେ ପର୍ଯ୍ୟଟକ ପାହାଡ଼, ପର୍ବତ, ଝରଣା ସହିତ ଅନେକ ମନଲାଖି ଭ୍ରମଣସ୍ଥଳୀ ବି ଦେଖିବାକୁ ପାଇପାରିବେ। ସେଥିପାଇଁ ପ୍ରତିବର୍ଷ ପ୍ରେମଦିବସ ଅବସରରେ ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ତନ୍ମଧ୍ୟରୁ ଅଧିକାଂଶ ଥାନ୍ତି ନବବିବାହିତା ଦମ୍ପତି ଓ ପ୍ରେମୀଯୁଗଳ। ତେଣୁ ଖଣ୍ଡାଲାକୁ ଅନେକେ ରୋମାଣ୍ଟିକ୍ ଲଭର୍ସ ଡେଷ୍ଟିନେଶନ୍ ବୋଲି ବି କହିଥାନ୍ତି।

**ନୈନିତାଲ୍:** ଉତ୍ତରାଖଣ୍ଡସ୍ଥିତ ନୈନିତାଲ୍ ବି ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାରେ ଘଞ୍ଚ ଜଙ୍ଗଲରେ ଘେରି ହୋଇ ରହିଥିବା ଖୁବ୍ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଝରଣା ଦେଖିବାକୁ ମିଳିଥାଏ। ଖାସ୍ ସେଇଥିପାଇଁ ଅନେକ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। କେବଳ ନବଦମ୍ପତି କାହିଁକି, ପ୍ରେମଦିବସକୁ ସ୍ମରଣୀୟ କରିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ପ୍ରେମୀଯୁଗଳ ବି ଆସିଥାନ୍ତି।




**ଉଟି:** ଏହା ହେଉଛି ତାମିଲନାଡୁସ୍ଥିତ ଏକ ଶୈଳନିବାସ। ଏହାକୁ କେହି କେହି ଶୈଳନିବାସର ରାଣୀ ବୋଲି ବି କହିଥାନ୍ତି। କାରଣ ଭାରତରେ ଯେତେସବୁ ଶୈଳନିବାସ ରହିଛି, ତନ୍ମଧ୍ୟରୁ ଉଟିର ସୌନ୍ଦର୍ଯ୍ୟ ସବୁଠୁ ନିଆରା। ଏଠାରେ ଦେଖିବାକୁ ମିଳୁଥିବା ବଟାନିକାଲ୍ ଗାର୍ଡେନ, ରୋଜ୍ ଗାର୍ଡେନ, ଉଟି ହ୍ରଦ ତଥା ଦୋଦ୍ଦାବେଟ୍ଟା ଗିରିଶୃଙ୍ଗ ଇତ୍ୟାଦି କେବଳ ସାଧାରଣ ଲୋକଙ୍କୁ ନୁହେଁ ନବଦମ୍ପତି ତଥା ପ୍ରେମୀଯୁଗଳଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ।

**କେରଳ:** କେରଳ ନିଜର ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ସକାଶେ ସବୁବେଳେ ସମସ୍ତଙ୍କର ମନ ଜିଣି ଆସିଛି। ବିଶେଷକରି ଏଠାକାର ବ୍ୟାକ୍ ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ବୁଲିବାରେ ଯେଉଁ ମଜା ଥାଏ, ଯିଏ ଅଙ୍ଗେ ନିଭେଇଛି ସିଏ ହିଁ କେବଳ ଜାଣିଛି ତାହା କେତେ ଭଲ ଲାଗେ। ତେଣୁ ପ୍ରେମଦିବସ ଅବସରରେ ପ୍ରେମୀଯୁଗଳ ଚାହିଁଲେ ଏଠାକୁ ଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

**ଜୈସଲମେର୍:** ପ୍ରେମଦିବସ ଅବସରରେ ଯଦି ନିଜ ସାଥୀ ସହ କୁଆଡ଼େ ବୁଲିଯିବାକୁ ପ୍ଲାନିଂ କରୁଥାନ୍ତି, ତା'ହେଲେ ଥରେ ରାଜସ୍ଥାନସ୍ଥିତ ଜୈସଲମେର୍ ଆଡ଼େ ଯାଆନ୍ତୁ ନା ! କାରଣ ଏଠାରେ ବହୁ ଐତିହାସିକ କୀର୍ତ୍ତିରାଜି ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଏଠାକୁ ଆସୁଥିବା ପର୍ଯ୍ୟଟକ ଖାସ୍‌କରି ପ୍ରେମୀଯୁଗଳମାନେ ଜୈସଲମେର୍ ଦୁର୍ଗ ବୁଲି ଦେଖିବା ସହ ଓଟ ପିଠିରେ ବସିବାର ମଜା ମଧ୍ୟ ନେଇପାରିବେ।

କେବଳ ଏହିସବୁ ସ୍ଥାନ ନୁହେଁ, ଦାର୍ଜିଲିଂ, ଶିଲଂ, ମସୁରୀ, ତାଜମହଲ, ମନାଲି, ଲାକ୍ଷାଦ୍ୱୀପ ତଥା ସିମ୍‌ଲା ଆଡ଼େ ବି ବୁଲିଯାଇ ପ୍ରେମୀଯୁଗଳମାନେ ପ୍ରେମଦିବସକୁ ଭରପୂର ଉପଭୋଗ କରିବା ସହ ଅନେକ କିଛି ଅଭୁଲା ସ୍ମୃତିକୁ ସାଉଁଟି ପାରିବେ।





# ହାର୍ଟ ଶେପ୍‌ର ଇତିହାସ





**କାହିଁ କେବେଠୁ ଲାଲରଙ୍ଗର ପାନ ପତ୍ର ପରି ଆକୃତିକୁ ହୃଦୟର ପ୍ରତୀକ ଭାବେ ବ୍ୟବହାର କରି ପ୍ରେମର ଭାବକୁ ବ୍ୟକ୍ତ କରାଯାଉଛି। ତେବେ ଥରେ ଭାବିଲେ ମଣିଷ ହୃଦୟର ଆକାର କ'ଣ ଏମିତିଆ? ଜମା ନୁହେଁ, ତେବେ ଏହି ଲାଲ ପାନ ପତ୍ର ଭଳି ଚିହ୍ନକୁ ହୃଦୟର ପ୍ରତୀକଭାବେ କାହିଁକି ଓ କେବେଠୁ ବ୍ୟବହାର କରାଯାଉଛି? ଜାଣନ୍ତୁ ସେ ସମ୍ପର୍କରେ...**

**କି**ଛି ଗବେଷଣା ଦାବି କରେ ଯେ, ପୂର୍ବେ ଯେବେ ଯୁବତୀ ଯୁବକ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖୁଥିଲେ ଗର୍ଭଧାରଣ ଅଟକାଇବା ଲାଗି ଯୁବକମାନେ ଯୁବତୀଙ୍କୁ ସିଲିଫିୟମ ଗଛର ବିଜ ଦେଉଥିଲେ। ଯାହାର ଆକାର ଆଜିକାର ହାର୍ଟ ଶେପ୍ ପରି। ସିଲିଫିୟମ ଜୁଆଣି ପ୍ରଜାତିର ଅଟେ। ପ୍ରାଚିନ ଗ୍ରୀକ ଓ ରୋମରେ ଏହାକୁ ଭୋଜନ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହାର କରିବା ସହ ଔଷଧ ଭାବେ ବ୍ୟବହାର କରାଯାଉଥିଲା। କୁହାଯାଏ ଏହା କାଶ ପଇଁ ଭଲ କାମ କରୁଥିଲା। ହେଲେ ଏହା ବେଶି ପରିଚିତ ଥିଲା ଜନ୍ମ ନିୟନ୍ତ୍ରକ ଭାବେ। ସମୟକ୍ରମେ ଏହି ଗଛର ବିଜକୁ ପ୍ରେମର ପ୍ରତୀକଭାବେ ଗଣନା କରାଗଲା । ଆଉ ତାକୁ ବିଭିନ୍ନ ସ୍ଥାନରେ ଅଙ୍କା ଗଲା। ପୁରାତନ ସହର ସାଇରେନ ଯେଉଁଠି ସିଫିଲିୟମ ପ୍ରଚୁର ହେଉଥିଲା ଓ ଏହାର ବ୍ୟବସାୟ କରାଯାଉଥିଲା ସେଠାକାର ମୁଦ୍ରାରେ ବି ଏହି ହାର୍ଟ ଶେପ୍‌କୁ ସ୍ଥାନ ଦିଆଯାଇଥିଲା। ଆଉ କିଛି ତଥ୍ୟ କହେ ଯେ, ଆଇଭି ଗଛର ପତ୍ରରୁ ହାର୍ଟଶେପ୍ ଆସିଛି। ଏହାବାଦ କେହି କେହି ଦାବି କରନ୍ତି ଯେ,ଏହି ଆକୃତିକୁ ନାରୀର ସ୍ତନ, ନିତମ୍ବ ଅବା ମାନବ ଶରୀରର ଅନ୍ୟ କିଛି ଭାଗର ଆଧାରରେ ତିଆରି କରାଯାଇଛି। ତେବେ ବିଦ୍ୱାନ ପିଏରେ ଭେନକିନ ଓ ମାର୍ଟିନ କେମ୍ପ ଦାବି କରନ୍ତି ଯେ, ଏହି ହାର୍ଟଶେପ୍‌ର ଉତ୍ପତି ଗାଲେନ ଓ ଦାର୍ଶନିକ ଆରିଷ୍ଟଟଲଙ୍କ କିଛି ଆଲେଖ୍ୟରୁ ହୋଇଛି। ସେମାନେ ବର୍ଣ୍ଣନା କରିଥିଲେ ଯେ, ମଣିଷ ହୃତପିଣ୍ଡର ତିନୋଟି ଚାମ୍ବର ବା କୋଠରୀ ଅଛି। ଦୁଇଟି ଉପରେ ଓ ଗୋଟେ ତଳେ। ଆଉ ଏହାର ଉପରଭାଗର ମଝିରେ ଏକ ଛୋଟ ସ୍ଥାନ ଚେପା ବା ଖାଲ ସଦୃଶ ଅଛି। କୁହାଯାଏ ଏହି ତଥ୍ୟକୁ ଆଧାର କରି ପରବର୍ତ୍ତୀ ସମୟରେ ଯେବେ ମଧ୍ୟଯୁଗର କଳାକାର ଓ ବୈଜ୍ଞାନିକମାନେ ସେହି ପ୍ରାଚୀନ ଚିକିତ୍ସା ସମ୍ବନ୍ଧୀୟ ଆଲେଖ୍ୟକୁ ଚିତ୍ରକରି ପୁନଃପ୍ରଦର୍ଶିତ କରିଥିବେ ସେତେବେଳେ ଉକ୍ତ ହାର୍ଟଶେପ୍‌ର ଉତ୍ପତି ହୋଇଥିବ। ଯେମିତିକି ଚତୁର୍ଦ୍ଦଶ ଶତାବ୍ଦିରେ ଇଟାଲୀର ପଦାର୍ଥ ବିଜ୍ଞାନୀ ଗୁଇଡୋ ଦା ଭିଗଭାନୋ ଶରୀର ସମ୍ବନ୍ଧୀୟ ଏକ ସିରିଜ ଚିତ୍ର କରିଥିଲେ ଯେଉଁଥିରେ ହୃତପିଣ୍ଡର ଚିତ୍ର ଆରିଷ୍ଟଟଲ ବର୍ଣ୍ଣନା କରିଥିବା ହୃତପିଣ୍ଡ ପରି ଥିଲା। ଅର୍ଥାତ୍ ହୃତପିଣ୍ଡର ଆକାର କିଛିଟା ଆଜିକାର ହାର୍ଟଶେପ୍ ପରି ଥିଲା। ମଣିଷର ହୃତପିଣ୍ଡ ଖୁସି ସହ ବିଭିନ୍ନ ଭାବକୁ ଦର୍ଶାଇଥାଏ। ତେଣୁ ଏହି ଶେପ୍‌କୁ ପ୍ରେମ ଓ ପ୍ରଣୟର ପ୍ରତୀକଭାବେ ଗ୍ରହଣ କରାଗଲା। ଏହାର ବ୍ୟବହାର ଯେବେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପବିତ୍ର ହୃଦୟ ଭାବେ କରାଗଲା ଏବଂ ତାସ୍ ଖେଳରେ ବ୍ୟବହାର ହେଲା ଏହି ଆକୃତିର ଲୋକପ୍ରିୟତା ବଢିଲା। ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀବେଳକୁ ତ ପ୍ରେମ ଚିଠି ଓ ଭାଲେଣ୍ଟାଇନ୍ସ ଡ଼େ' କାର୍ଡରେ ଏହାର ବ୍ୟବହାର ହେବାକୁ ଲାଗିଲା। ଆଉ ଏହା ପ୍ରେମର ପ୍ରତୀକଭାବେ ଧୀରେ ଧୀରେ ସାରା ପୃଥିବୀରେ ପରିଚିତ ହୋଇଗଲା।








# କୁଅ ଦିଏ ମୃତ୍ୟୁର ଭବିଷ୍ୟବାଣୀ




**ଭା**ରତୀୟଙ୍କର ଧର୍ମ ଉପରେ ଖୁବ୍ ଆସ୍ଥା ଓ ବିଶ୍ୱାସ ରହିଛି। କାରଣ ଆମ ଧର୍ମର ପୌରାଣିକ ମହତ୍ୱ ଥିବାସହ ଏହା ବିଜ୍ଞାନ ସହ ବି ଜଡ଼ିତ। ତେଣୁ ଈଶ୍ୱରଙ୍କ ସହ ଜଡ଼ିତ ସବୁକଥା ଉପରେ ଭାରତୀୟମାନେ ବିଶ୍ୱାସ କରନ୍ତି। ଯେମିତିକି ବାରଣାସୀରେ ଥିବା ଏକ କୁଅ ସହ ଲୋକଙ୍କର ଏକ ଅଜବ ବିଶ୍ୱାସ ଜଡିତ ଅଛି। କୁହାଯାଏ ଏହି କୁଅ ମୃତ୍ୟୁକୁ ନେଇ ଭବିଷ୍ୟବାଣୀ କରିଥାଏ। ଭାବୁଥିବେ କୁଅ ତ ପାଣି ଯୋଗାଏ, ତାହା ପୁଣି ମୃତ୍ୟୁର କଥା କେମିତି କହିବ। ବାରାଣସୀର ଏହି ଅଦ୍ଭୁତ କୁଅର ନାଁ 'ଚନ୍ଦ୍ରକୁପ'। ଦେଖିବାକୁ ଏହା ସାଧାରଣ ଲାଗିଲେ ବି କୁଅଟି ଆଦୌ ସାଧାରଣ ନୁହେଁ। କୁହାଯାଏ ଏହି କୁଅ ଲୋକଙ୍କ ମୃତ୍ୟୁର ଭବିଷ୍ୟବାଣୀ ଦେଇଥାଏ। କୁଅଟି କାଶୀ ବିଶ୍ୱନାଥ ମନ୍ଦିର ପାଖରେ ଅଛି। ଏହା ସିଦ୍ଧେଶ୍ୱରୀ ମନ୍ଦିରର ଏକ ଅଂଶ ଅଟେ, ଯାହାକି ଚନ୍ଦ୍ରେଶ୍ୱର ଲିଙ୍ଗ ପାଇଁ ବହୁ ପ୍ରସିଦ୍ଧ। ହିନ୍ଦୁଧର୍ମ ଅନୁଯାୟୀ ଚନ୍ଦ୍ରେଶ୍ୱର ଲିଙ୍ଗ ସେହି ନଅ ଲିଙ୍ଗର ଅଂଶ ଅଟେ, ଯାହାକୁ ନବଗ୍ରହ ଶିବଲିଙ୍ଗ କୁହାଯାଏ। ଲୋକେ ଶିବଲିଙ୍ଗର ପୂଜା କରିବା ପରେ ଏହି କୁଅକୁ ନିଶ୍ଚିତଭାବେ ଆସନ୍ତି। କୁହାଯାଏ ଏହି ଚନ୍ଦ୍ରକୁପକୁ ଜଣେ ଶିବଭକ୍ତ ତିଆରି କରିଥିଲେ। ଯାହାଙ୍କ ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଉକ୍ତ କୁଅକୁ ଆଶୀର୍ବାଦ ଦେଇଥିଲେ। ସେବେଠାରୁ ଏହି କୁଅ ଲୋକଙ୍କୁ ମୃତ୍ୟୁ ଜନିତ ଭବିଷ୍ୟବାଣୀ ଦେଉଛି। ମୃତ୍ୟୁ କେବେ ହେବ ଜାଣିବାଲାଗି ଏଠାକୁ ଆସୁଥିବା ଲୋକଙ୍କୁ କୁଅ ପାଣିକୁ ଅନାଇବାକୁ ହୁଏ। ଯଦି ଆପଣଙ୍କ ଛାଇ କୁଅ ଜଳରେ ଦେଖାଯାଏ, ତେବେ ନିକଟ ଭବିଷ୍ୟତରେ ମୃତ୍ୟୁ ହେବାର ଆଶଙ୍କା ନାହିଁ। କିନ୍ତୁ ଛାଇ ନ ଦେଖାଗଲେ ବିଶ୍ୱାସ କରାଯାଏ ସେହି ବ୍ୟକ୍ତିଙ୍କ ମୃତ୍ୟୁ ୬ମାସ ଭିତରେ ହେଇଯିବ। ଆଉ ଏହା ସତ ବୋଲି ଅନେକ ଥର ପ୍ରମାଣିତ ହୋଇଥିବାର ଏଠାକାର ଅଧିବାସୀ କୁହନ୍ତି। ଲୋକେ ମନ୍ଦିରରେ ପୂଜା କରିସାରି ଏହି କୁଅ ପାଖକୁ ଯେମିତି ବି ହେଉ ଆସନ୍ତି। କାରଣ ପୂଜାରୀଙ୍କ କହିବାନୁସାରେ ପୂଜା ପରେ ଏହାର ପାଣି ନ ପିଇଲେ ପୂଜା ସମ୍ପନ୍ନ ହୋଇ ନ ଥାଏ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ନକଲି...

ଦିନେ ମନରେ ଆସିଲା-ମୋ ମୁଣ୍ଡର ରୂପାନ୍ତରୀକରଣ ନିହାତି ଦରକାର । ମାତ୍ର ତିରିଶି ବର୍ଷ ବୟସରେ କେଶ-ଘାସ ଉପୁଡ଼ି ତୃଣଶୂନ୍ୟ ପଡ଼ିଆ ବା କତାଛଡ଼ା ନଡ଼ିଆ ପରି ମୁଣ୍ଡ ମୋର ଦିଶୁଛି । ଏଇ କେଶ ପାଇଁ ବୟସ ଥାଇ ବି ମୋ ବେଶ ଆଗପରି ଆକର୍ଷଣୀୟ ଲାଗୁନି । ନା, ଏହାର ଗୋଟେ ଜବରଦସ୍ତ ଉପାୟ କରିବାକୁ ପଡ଼ିବ । ଏ ରୂପ ଚେହେରା ବଦଳେଇ ପୁଣି ଆଖିଝଲସିଆ କରିବାକୁ ହେବ । ଯା' ହେଉ, 'ଏ ମନ ଭାବୁଥାଇ ଯାହା... କାଳେ ପ୍ରାପତି ହେଲା ତାହା ।' ଉଣେଇଶ ଚୌରାନବେ ମସିହାରେ ମହାରାଷ୍ଟ୍ରସ୍ଥ ପୁନେରେ ଟ୍ରେନିଂ ନେବାବେଳେ ସେଇ ସୁଯୋଗ ଜୁଟିଲା । ଟ୍ରେନିଂ ସାରି ସନ୍ଧ୍ୟାରେ ବଜାର ଭ୍ରମଣ ସମୟରେ, ମୋ ସହ ତ୍ରିପୁରାର ଜଣେ ବନ୍ଧୁଥିଲେ । ସେ ମଧ୍ୟ ମୋ ଭଳି 'ଚ' ବର୍ଗର । ଏଇବେଳେ ଆମ ନଜର ପଡ଼ିଲା -ମନ ଖୋଜୁଥିବା ଦୋକାନ ଭିତରେ । ଆଉ କାଳ ବିଳମ୍ବ ନ କରି ପଶିଗଲୁ ଦୋକାନ ଭିତରକୁ । ବଛାବଛି ମୂଲାମୂଲି କରିସାରି ଯୋଡ଼ାଏ କିଣି, ମଥାର ଟାଙ୍ଗରା ଭୂଇଁକି ଛାଉଣି କରି, ଚେହେରାର ରୂପାନ୍ତର କରି ବାହାରି ଆସିଲୁ । ପରଦିନ ଦେଖି ଆମ ରୂପାନ୍ତରୀକରଣ ବେଶ ସହପାଠୀଙ୍କ ମୁହଁରେ ଫୁଟିଲା ହସ । ସରସ ମନରେ ଟ୍ରେନିଂ ସାରି ପନ୍ଦରଦିନ ପରେ ଫେରିଲି ଫୁଲବାଣୀ, ସେତେବେଳର ରହୁଥିବା ଘରେ । ହେଲେ ଟ୍ରେନ୍, ବସ୍ ଯାତ୍ରା ସମାପ୍ତକରି ଯେତେବେଳେ ଘରେ ପହଞ୍ଚିଲି, ସେତେବେଳେ ରାତି ଗୋଟାଏ । ବାହାରେ ଠିଆହୋଇ ଦୁଆର ବାଡ଼େଇବାରୁ ପତ୍ନୀ ନିଦୁଆ ଆଖିକି ମଳି ମଳି, ଆଲୁଅ ଜାଳି ଯେମିତି ମୋ ଚେହେରା ଦେଖିଲେ, ଚିହ୍ନି ନ ପାରି... ଦୁଆର ପୁଣି ଦେଉଥିଲେ କିଳି । ମୋର ଏଇବେଳେ ଆସିବାର ଆଗୁଆ ଖବର ଦେବାର ସୁବିଧା ସେତେବେଳେ ନ ଥିଲା । କାରଣ ମୋବାଇଲ ଫୋନ ଜମାନା ନ ଥିବାରୁ ମୋ ମା' କି ପତ୍ନୀ କେହି ଜାଣି ନ ଥିଲେ । ତେଣୁ ଅଚିହ୍ନା ଚେହେରା ଅବାଧ ଚରିତ୍ର ବୋଲି ମତେ ଭାବି କବାଟ କିଳି ଦେଉଥିବା ପତ୍ନୀର ହାତକୁ ଠେଲି ଭିତରେ ପଶିବାକୁ ଚେଷ୍ଟା କରୁ କରୁ ସିଏ ଆଉ ବିଳମ୍ବ ନ କରି ଦୁଆରଦିଆ ଧଡ଼ା, ଯାହା କବାଟ କୋଣରେ ଡେରା ହୋଇଥିଲା, ତାକୁ ଧରି ତାଳରେ ମୋ ତାଳୁକୁ ପିଟିବାକୁ ଉଞ୍ଚାଇଲାବେଳେ, ତା ହାତକୁ ଧରି ଅଟକେଇ କହିଲି... ଆରେ ଆରେ, ଏ କ'ଣ କରୁଛ ପ୍ରିୟେ ? ମୁଁ ପରା ତମର ସିଏ ! ତମେ କ'ଣ ତମ ପ୍ରିୟ ପତିକି ମାରିବ ? ଜାଣୁ ଜାଣୁ ଅକାଳରେ ବିଧବା ହେବ ? ଭଲକି ମୋ ମୁହଁକୁ ଅନେଇକି କହିଲା... ଏ ମା', ଏମିତି କ'ଣ ଦିଶୁଛ ? ମୁଁ ତମକୁ ଜମା ଚିହ୍ନିପାରିଲିନି । ତାକୁ ବୁଝେଇ କହିଲି... ଏଇଟା ମୋ ରୁପାନ୍ତରୀକରଣର କମାଲ । ସେ କ'ଣ ଭାବୁଥିଲା ମୁଁ ଜାଣିନି, ମାତ୍ର ଏଇ ଟୋକା-ବେଶ ଦେଖି ମୋ ମାଆ ଭାରି ଖୁସି ହେଉଥିଲା ।

ଦି' ଦିନ ପରେ ବଜାର ଭିତରେ ଥିବା ମୋ ପରିଚିତ ଔଷଧ ଦୋକାନ ଆଗରେ ଚାଲି ଚାଲି ଯାଉଥିବାବେଳେ, ଦୋକାନୀ ମୋ ଆଡ଼କୁ ଆଙ୍ଗୁଠି ଦେଖେଇ ତାଙ୍କ ପାଖରେ ବସିଥିବା ଜଣେ ଭଦ୍ରଲୋକଙ୍କୁ କହିଲେ.. କହିଲ ଦେଖି ସେ ବାବୁଙ୍କ କେଶ କେମିତି ଲାଗୁଛି ? ଭଦ୍ରଲୋକ କହିଲେ ଭାରି ସୁନ୍ଦର । ଦୋକାନୀ ତାଙ୍କୁ କହିଲେ... ସେଇଟା ନକଲି ଚୁଟି । ମାତ୍ର ଭଦ୍ରଲୋକ କହିଲେ.. ନା ନା, ଅସଲି । ଦୁଇଜଣଙ୍କ ଭିତରେ ବାଜି ଲାଗିଲା ପାଞ୍ଚଶହ ଟଙ୍କା । ଦୋକାନୀ ମୋ ନାଁ ଧରି ଡାକିବାରୁ, ତାଙ୍କ ପାଖକୁ ଯାଇ ପଚାରିଲି -ଭାଇ ! କ'ଣ ହେଲା ? ଭଦ୍ରଲୋକ ମତେ ପଚାରିଲେ.. ଏଇ ଚୁଟି ଅସଲି ନା ! ମୁଁ କହିଲି, ହଁ ହଁ ଅସଲି । ମାତ୍ର ମୁଣ୍ଡ ନକଲି । ସେ ବୁଝି ନ ପାରି ଆଁ ଟା କରି ମୋ ମୁହଁକୁ ଅନେଇବାରୁ, ତାଙ୍କ ସନ୍ଦେହ ଦୂର କରିବାକୁ କହିଲି.. ଆଜ୍ଞା ! ରାଣ ଖାଉଛି ଏଇଟା ଅସଲି କେଶ, ମାତ୍ର ଏଇ କେଶତକ ଏ ମୁଣ୍ଡର ନୁହଁ । ଚୁଟି ଅରିଜିନାଲ.. ମୁଣ୍ଡ ଡୁପ୍ଲିକେଟ । ମୋ କଥା ଶୁଣି ଫେଁ ଫେଁ ହୋଇ ହସି ହସି କାଶି ପକେଇଲେ । ମାତ୍ର ଯେତେବେଳେ ବାଜି ଲାଗିଥିବା ପାଞ୍ଚଶହ ଟଙ୍କା ଦୋକାନୀ ଭଦ୍ରଲୋକଙ୍କଠୁ ଆଦାୟ କଲେ, ସେ ଟଙ୍କା ଦେଲାବେଳେ ମୁହଁକୁ ଏମିତି ଆମ୍ବୁଲଖିଆ -ବିକୃତିଆ କଲେ ଯେ, ସେଇଠି ମୁଁ ନ ରହି ଧୀରେ ଖସିଆସିଲି ।

ଏଇ ରୂପାନ୍ତରୀକରଣ ଅଳ୍ପ ବା ଅଧିକ କାଳ ପାଇଁ ହେଉପଛେ, ତାହା ବେଶ୍ ହଟଚମଟ ସୃଷ୍ଟିକରେ । ଥରେ ଜଣେ ବିଭାଗୀୟ ମନ୍ତ୍ରୀଙ୍କର ଜିଲାରେ ଥିବା ମୁଖ୍ୟ ବିଭାଗ ପରିଦର୍ଶନର ଖବର ହଠାତ୍ ପାଇ, ବିଭାଗୀୟ ଅଧିକାରୀ ଅଳ୍ପ ସମୟରେ କର୍ମଚାରୀମାନଙ୍କ ଦ୍ୱାରା, ଅପରିଚ୍ଛନ୍ନିଆ ଅଫିସ ଚାରିକଡ଼କୁ ସୁନ୍ଦର ରୂପାନ୍ତରୀକରଣ କରିବାକୁ ଯାଇ କୁକୁର ହଗା ଜାଗାରେ ଆସିବା ରାସ୍ତାରେ ନାଲିଆ କାର୍ପେଟ ଏମିତି ଢଙ୍ଗରେ ବିଛେଇଦେଲେ ଯେ ତାଙ୍କୁ ମନ୍ତ୍ରୀ ତଥା ସାଧାରଣ ଜନତା ଦେଉଥିବା ଗଦା ଗଦା ପ୍ରଶଂସା ସାଉଁଟିନେବାର ସୌଭାଗ୍ୟ ମିଳିଥିଲା ।

ଆଉ ଗୋଟିଏ ଘଟଣା ମନେପଡ଼ିଲାଣି । ଶୁଣନ୍ତୁ ! ସାହୁବାବୁ, ଯିଏ ଥିଲେ ଜଣେ ସ୍ୱଳ୍ପ ବେତନଭୋଗୀ ଚତୁର୍ଥ ଶ୍ରେଣୀ କର୍ମଚାରୀ । ସିଏ ଜହ୍ନିମଞ୍ଜି ପରି ସିନା, ତାଙ୍କ ପତ୍ନୀ ସାବିତ୍ରୀ ଥିଲେ ଅଧିକ ଗୋରୀ ଓ ସୁନ୍ଦରୀ । କିନ୍ତୁ ବାହାଘର ଷୋଳ ବରଷ ଯାଏଁ ପିଲାପିଲି ହୋଇ ନ ଥିଲା । ମାତ୍ର ତାଙ୍କ ପୁଅକୁ ଯେତେବେଳେ ସାତ ବରଷ ହୋଇଥିଲା, ସାବିତ୍ରୀଙ୍କ ବାନ୍ଧବୀ -ଝିଅ ବିଭାଘରକୁ ଯିବା ପାଇଁ ତାଙ୍କୁ ନିମନ୍ତ୍ରଣ ମିଳିଲା । ତେଣୁ ପତିଙ୍କଠାରୁ ବହୁକଷ୍ଟରେ ପାଞ୍ଚହଜାର ଟଙ୍କା ଝଡ଼େଇ, ବିଉଟିପାର୍ଲରରେ ଏମିତି ନିଜ ରୂପାନ୍ତରିକରଣ କରି ଆସିଲେ ଯେ, ତାଙ୍କୁ ଦେଖି ଭୋଜିପାର୍ଟିର ବନ୍ଧୁ-ବାନ୍ଧବୀ ଚକିତ ହୋଇ ତାଙ୍କ ଚେହେରାର ଚର୍ଚ୍ଚା କରିବା ଆଗରୁ ନିଜ ଜନମକଲା ଛୁଆଟା ଦେଖି ଚିରିଚିରି ହୋଇ ଚିତ୍କାର କରି ପାଖରୁ ପଳେଇଲା, ଯେତେବେଳେ ତାକୁ କୋଳକୁ ଭିଡ଼ିଲେ ! ଅବଶ୍ୟ ଅଧର ଦିଶୁଥିଲା ରକ୍ତ ଜରଜର, ଲମ୍ବାବେଣୀ.. ଛୋଟିଆ କରି ଦେଇଥିଲେ ହାଣି, ଆଉ ଦେହରୁ ମାଆର ବାସ୍ନା ବାହାରିବା ପରିବର୍ତ୍ତେ ବାହାରୁଥିଲା କାମୋତ୍ତେଜକ ପରଫ୍ୟୁମ୍‌ର ଗନ୍ଧ ! ସାବିତ୍ରୀ ପତି-ସାହୁବାବୁଙ୍କୁ ପଚାରୁଥିଲେ.. କେମିତି ସେ ଦିଶୁଛନ୍ତି ବୋଲି । ସାହୁବାବୁ ଉପରମନରେ ତାରିଫ କରି.. ଭିତରେ ଯାଉଥିଲେ ଜଳି । ଆତଙ୍କିତ ହେଉଥିଲେ ଏଇ ରୂପାନ୍ତର ଚେହେରା ଚରିତ୍ର, ଦିନେ ଛାଡ଼ିଯିବନି ତ ତାଙ୍କ ପିଲା ପରିବାରକୁ ପରକରି ! କାରଣ ଖୋଦ୍ ସାହୁବାବୁ ଦିନେ ଧର୍ମବଳରୁ ରକ୍ଷା ପାଇଯାଇଥିଲେ ମାତ୍ର ବାଷଠୀ ବର୍ଷୀୟାଙ୍କୁ ଫେସ୍‌ବୁକରେ ଛବିଶି ବର୍ଷୀୟା ଭାବି ଫସିଥିଲେ ପ୍ରେମଭରା ଚାଟିଙ୍ଗ୍ କରି ! ନାଇଁରେ ବାବା, ଏହାଙ୍କୁ ଏଣିକି ଗୋଡ଼େ ଗୋଡ଼େ ଜଗିବାକୁ ପଡ଼ିବ ! ନଚେତ୍...ଛାଡ଼ ।

ଏମିତିଆ ରୂପାନ୍ତରୀକରଣ, କେତେ କାହାକୁ ଫସେଇଛି, କାହା କାହା ସଂସାର ଭସେଇଛି, କେତେ ସଂସ୍କୃତିକି ଧ୍ୱଂସ କରିଛି, କେତେ ପୁରୁଣା ବୃକ୍ଷ ଛେଦନ କରେଇଛି, ତାହା କାହାକୁ ବା ଅଛପା ଅଛି ? ଏମିତି ପରା ସ୍ୱାଇଁ ମଉସାଙ୍କ ସଂସାର ଭାସି ଯାଉଯାଉ ଅଳ୍ପକେ ଅଟକି ଯାଇଥିଲା । ମଉସାଙ୍କ ଏକମାତ୍ର ଭେଣ୍ଡିଆ ପୁଅ, ଗୋଟାଏ ଖାଣ୍ଟି ପୁଅକୁ ଅରିଜିନାଲ ଝିଅ ଭାବି ତା 'ମଧୁର ସ୍ୱରରେ ମୋହିତ ହୋଇ ଫୋଟରେ ଗୋରା ତକତକ ଚେହେରା ଦେଖି ଫସି ପ୍ରେମକରି ବାହାହେବାକୁ ଜିଦିକରି ବସିଲା । ସେଇ ରୂପାନ୍ତରିତ ଝିଅରୂପୀ ପୁଅ ମଧ୍ୟ ଏଇ ପ୍ରେମପାଗଳର ବ୍ୟାକୁଳତା ଦେଖି କଲକତାରୁ ଆସି, ସ୍ୱାଇଁ ମଉସାଙ୍କ ପରିବାରବର୍ଗଙ୍କୁ ଉତ୍ତମରୂପେ ବୁଝେଇ ମନ୍ଦିରରେ ବାହା ହୋଇଗଲା । ଚଉଠି ରାତିରେ ଧରାପଡିବା, ଘଟଣା ପ୍ରଘଟ ହେବାଆଗରୁ ବାରଭରି ସରିକି ଓଜନର ସୁନା ଅଳଙ୍କାର, ଟଙ୍କା ପଇସା ଧରି ଟୋକାକୁ ନିଶା ଖୁଆଇ ରାତାରାତି ଛୁ ମାରିଥିଲା ! ସମସ୍ତେ ମିଶି ସକାଳୁ ଭେଁ ଭାଁ ରଡ଼ି କରୁକରୁ, ଯେତେବେଳେ ଅସଲି ପୁଅ ବୋଲି ଜାଣିଲେ, ସ୍ୱାଇଁ ମଉସା କହିଲେ... ଓହୋ... ବହୁ କ୍ଷତିରୁ ଏଇ ଟଙ୍କା ସୁନା କ୍ଷତି ସହିଯିବା ଭଲ । ନଇଲେ ସିଏ କୋଉ ମୋ ନାତି-ନାତୁଣୀର ମାଆ ହୋଇଥାନ୍ତା ନା ମୋ ବଂଶ ରକ୍ଷା କରିପାରିଥାନ୍ତା ?

ଆଜ୍ଞା ! ଏମିତି ରୂପାନ୍ତରୀକରଣ, କେତେବେଳେ କାଳୀ କୋତରିଙ୍କି କରିଥାଏ -ତୋଫା ଗୋରୀ ତ କେତେବେଳେ ସୌନ୍ଦର୍ଯ୍ୟ ବୃଦ୍ଧି କରିପାରେ ପଚା ଘା 'ଉପରେ ରଙ୍ଗବୋଳି, ପୁଣି କେଶ -ଦନ୍ତହୀନଙ୍କୁ ସଜେଇପାରେ.. ଯୁବକ ପରି ! ଟିକେ ହେଜିବେ ଯେ, ଯେମିତି ମୋ ନକଲି କେଶର ଚେହେରା ଦେଖି, ମୋ ପତ୍ନୀ ମତେ ଚିହ୍ନିପାରି ନ ଥିଲେ, ଠିକ୍ ସେମିତି ମୋ ପିଲାଏ, ଆଗକୁ ମୋ ଭାଷା ପଢିବା କି ବୁଝିବାକୁ ସକ୍ଷମ ହେବେ କି ନା ମୋର ବି ସନ୍ଦେହ ଘାରିଲାଣି ! ଆଜ୍ଞା ! ଆପଣମାନେ ବି ନ ଫସିବେ କିଏ କହିବ ? ଏବେ ଏମିତି ସମୟ ଆସିଛି, ନକଲି ନୁହଁ ବରଂ ଅସଲି ଚନ୍ଦନକାଠ ବିକିଲେ ଆରେଷ୍ଟ ହୋଇ ଜେଲ ଯିବା ସମ୍ଭାବନା ବଢିଛି !

*-ମଙ୍ଗରାଜପୁର, ପୁରୀ ମୋ: ୭୦୦୮୧୮୮୮୪୭*




## ପୁସ୍ତକ ସମୀକ୍ଷା

### ସ୍ୱରଚିତ୍ର

**ବିପିନ୍ ନାୟକ, ପ୍ରକାଶକ- ସର୍ଜନା**
**ପାଣିଗ୍ରାହୀ ସାହି, ଗୋସାଇଁନୂଆଗାଁ**
**ବ୍ରହ୍ମପୁର- ୩**

'ସ୍ୱରଚିତ୍ର' କବି ବିପିନ୍ ନାୟକଙ୍କ କବିତା ସଂକଳନ । ଏଥିରେ ୩୬ଟି କବିତା ସ୍ଥାନ ପାଇଛି । କବିତାଗୁଡିକ ଯେମିତି ଜୀବନଧର୍ମୀ ସେମିତି ବାସ୍ତବତା ଉପରେ ପର୍ଯ୍ୟବଶିତ । କବି ଧୂଳି ପାଖରୁ ଆରମ୍ଭ କରି ଗାରରେ ଶେଷ କରିଛନ୍ତି । କବି ଲେଖିଛନ୍ତି ଏ କେଉଁ ସ୍ୱର ?/ଯାହା ନିଦରେ ନିଦରେ ମୋତେ ପହଞ୍ଚେଇ ଦିଏ/ ରାତି ଅଧରେ ନଇ କୂଳକୁ/ ଡଙ୍ଗାରେ ବସେଇ ଭସେଇନିଏ / ମୋ ପ୍ରାଗ୍ ଐତିହାସିକ ଆତ୍ମାର ପ୍ରଥମ ସକାଳ/ ଓଦା ଓଦା ଓଁକାର ଆଡକୁ । କବି ପୁଣି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି, ଡଙ୍ଗାରେ ରାତି ଅଧରେ କେମିତି ବସେଇ ଭସେଇ ନେଉଛି ଓଁକାର ଆଡକୁ । ଶବ୍ଦ, ଭାବର ଏକ ସୁନ୍ଦର ସଂରଚନା ଏହି କବିତା ପୁସ୍ତକ । କବିତାଗୁଡିକ ଯେତିକି ବଳିଷ୍ଠ ସେତିକି ହୃଦୟସ୍ପର୍ଶୀ । ଆଶା ପୁସ୍ତକଟି ପାଠକାଦୃତି ଲାଭ କରିବ ।



### କିଆ କେତକୀ

**ବାବାଜୀ ଚରଣ ଜେନା**
**ପ୍ରକାଶିକା-ଖୁଲଣା ଜେନା, ଅହଲ୍ୟା ନିବାସ, ପୋପରଡା**
**ନୂଆବଜାର, କଟକ-୪, ମୂଲ୍ୟ-୧୫୦ଟଙ୍କା**


'କିଆ କେତକୀ' ବାବାଜୀ ଚରଣ ଜେନାଙ୍କ ପଲ୍ଲୀଗୀତି ସଂକଳନ । ଯେଉଁଥିରେ ପ୍ରେମ, ପଣୟ ସହ ନିତିଦିନିଆ ଜୀବନର କଥା ରହୁଥିଲା । ଆଗରୁ ଶଗଡିଆ, ସବାରି ପାଲିଙ୍କି ବାହକ, ଭାରୁଆ, ନାଉରିଆ, ହଳୁଆ ମାନେ କଷ୍ଟ ଲାଘବ କରିବାକୁ ଖୁସିରେ ଉଚ୍ଚ ସ୍ୱରରେ ପଦଯୋଡି ଢଗଢମାଳି ଆଦି ଗାଇ ମନ ଖୁସି କରୁଥିଲେ । ସେହି ଲୋକଗୀତ ଏବେବି ଲୋକ ମୁଖରେ ରହିଛି । ସରଳ ଶବ୍ଦ ଏହାର ବିଶେଷତ୍ୱ । ଯାହା ଶୁଣୁ ଶୁଣୁ ମନେ ରହିଯାଏ । ବିଭା ପୁଆଣି, ରଜଦୋଳି, କୁଆଁର ପୁନେଇ, କଇଁଫୁଲ ଭର୍ତ୍ତି ପୋଖରୀ କିମ୍ବା ନଈ ତୁଠରେ ଥଟ୍ଟାରେ ମଜାରେ ପରସ୍ପର ମଧ୍ୟରେ ଛଳରେ ପଲ୍ଲୀଗୀତ ଗାଉଥିଲେ । ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା ।



### ଦାରୁବ୍ରହ୍ମ ଭଜନମାଳା

**ରାଧାଶ୍ୟାମ ମହଲ, ପ୍ରକାଶକ- ସୁକାନ୍ତ କୁମାର ସାହୁ ,**
**କୋରକୋରା, କଟକ, ମୂଲ୍ୟ- ୪୫ଟଙ୍କା**

ପୁସ୍ତକରେ ୧୦୯ଟି ଭଜନ ରହିଛି । ଏଥିରେ ଦାରୁବ୍ରହ୍ମଙ୍କ ଉପରେ ଜଣାଣ ଓ ଚଉତିଶା ଲେଖାଯାଇଛି । କବି ଜନମ ଲଭିଲେ ମାୟା ସଂସାରେ ହେବ ମରଣ, ଜାଣିଶୁଣି ଅହଂକାର ଅଗ୍ନିରେ ହେଉ ଦହନ (ଆତ୍ମବୋଧ ଚଉତିଶା) ପୃଷ୍ଠା -୫ । କବି କହୁଛନ୍ତି ଜନ୍ମ ହେଲେ ଏ ମାୟା ସଂସାରରେ ମରଣ ନିଶ୍ଚୟ ହେବ । ଫଳରେ ମଣିଷର ଅହଂକାର ଅଗ୍ନିରେ ଦହନ ହେବ । ସେହିପରି ଜଣାଣରେ ତୁମରି ନାମରେ ଆରମ୍ଭ ସକାଳ, ତୁମ୍ଭ ନାମେ ହୁଏ ସନ୍ଧ୍ୟା, ଡାକିପାରୁ ନାହିଁ ପ୍ରଭୁହେ ତୁମକୁ ଜଞ୍ଜାଳେ ଜୀବନ ବନ୍ଧା । ମଣିଷ ଉଠିଲେ ସକାଳେ ପ୍ରଭୁଙ୍କ ନାମ ନିଏ ଓ ସନ୍ଧ୍ୟାରେ ବି ନାମ ନିଏ । କିନ୍ତୁ ଜଞ୍ଜାଳ ଗ୍ରସ୍ତ ମଣିଷ ପ୍ରଭୁଙ୍କୁ ଡାକିପାରେ ନାହିଁ । କେତେ ଛଟପଟ ହେଉଥାଏ ସେ ଅଡୁଆ ସୂତା ଭଳି ଲାଗି ରହିଥାଏ । ଗୁଡରେ ଯେଭଳି ଜନ୍ଦା ଲାଗେ ଜଞ୍ଜାଳ ସେହିଭଳି ଲାଗି ରହିଥାଏ । ଭଜନପ୍ରେମୀଙ୍କ ଲାଗି ପୁସ୍ତକଟି ସଂଗ୍ରହଣୀୟ ।



ବ୍ୟାକ୍ ପେଜ୍

# ଏ ବୟସରେ ସିକ୍ସ ପ୍ୟାକ୍ !

ଆଜିକାଲି ଛୋଟ ପିଲା ନାନା କ୍ଷେତ୍ରରେ ଦେଶର ନାଁ ରଖୁଛନ୍ତି । କିଏ ଚେସ୍‌ରେ ତ କିଏ ପାହାଡ ଚଢାରେ, ପୁଣି କିଏ ସାହସିକ କାର୍ଯ୍ୟ କରି ଦେଶର ଟେକ ରଖୁଛନ୍ତି । ସେମିତି ଜଣେ ଛୋଟ ଝିଅ ହେଉଛନ୍ତି ୮ ବର୍ଷର ପୂଜା ବିଶ୍ନୋଇ । ଏଇ କଅଁଳ ବୟସରେ ସେ ୱାର୍ଲଡ ରେକର୍ଡ ହାସଲ କରିବାରେ ସଫଳ ହୋଇଛନ୍ତି । ରାଜସ୍ଥାନ, ଯୋଧପୁରର ପୂଜା ଏତେ କମ୍ ବୟସରେ ସିକ୍ସ ପ୍ୟାକ୍ ଆବ୍ କରିଛନ୍ତି । ମାତ୍ର ୮ ବର୍ଷ ବୟସରେ ସିକ୍ସ ପ୍ୟାକମ୍ ଆବ୍ସ କରିଥିବା ପୃଥିବୀର ପ୍ରଥମ ଝିଅ ହେଉଛନ୍ତି ପୂଜା । ତା'ଛଡ଼ା ୧୦ ବର୍ଷ ବୟସରୁ କମ୍ ବିଭାଗରେ ସେ ୩



କି.ମି. ଦୂରତାକୁ ୧୨.୫ ମିନିଟରେ ଅତିକ୍ରମ କରି ୱାର୍ଲଡ ରେକର୍ଡ କରିଛନ୍ତି । ଏହି ରେକର୍ଡ କରିବାରେ ତାଙ୍କ କୋଚ୍ ତଥା ମାମୁ ସରୱନ ବୁଡ଼ିୟା ସାହାଯ୍ୟ କରିଥିଲେ । ଯେଉଁ ବୟସରେ କଣ୍ଢେଇ ସହ ଖେଳିବା କଥା ସେହି ବୟସରେ ସେ ସକାଳେ ସନ୍ଧ୍ୟା ସମୟରେ କରୁଛନ୍ତି କଠିନ ପରିଶ୍ରମ । ମାତ୍ର ୪ ବର୍ଷ ବୟସରୁ ସେ ପ୍ରତିଦିନ ଭୋର ୩ଟାରୁ ଉଠି ଅଭ୍ୟାସ କରନ୍ତି ।






# ଆଇସ୍‌କ୍ରିମ ବୁକେ





ଆଇସ୍‌କ୍ରିମ୍ କାହାକୁ ବା ଭଲ ନ ଲାଗେ । ଛୋଟରୁ ବଡ଼ ସମସ୍ତଙ୍କର ଇଏ ପ୍ରିୟ । ତେବେ ଆମେ ଏଠି ଯେଉଁ ଆଇସ୍‌କ୍ରିମ କଥା କହୁଛୁ ତାହା ଏତେ ସୁନ୍ଦର ଯେ, ତାକୁ ଖାଇବାକୁ ଇଚ୍ଛା ହେବନି । କାରଣ ଏହା ଦେଖିବାକୁ ସତସତିକା ଫୁଲ ତୋଡା ପରି । ଜାପାନର ଏକ କାଫେ ଏହି ବୁକେ ଆଇସ୍‌କ୍ରିମ ଗ୍ରାହକଙ୍କ ପାଇଁ ତିଆରି କରୁଛି । ସୁନ୍ଦର ଲୁକ୍ ପାଇଁ ଏହି ଆଇସ୍‌କ୍ରିମ ସାରା ପୃଥିବୀରେ ଏବେ ପରିଚିତ ହୋଇପାରିଛି । ଉକ୍ତ ଆଇସ୍‌କ୍ରିମ ଫ୍ଲାୱାର ତିଆରି କରିବା ଲାଗି ମୁଖ୍ୟ ଉପାଦାନ ଭାବେ ଅଳୁକି ବିନ୍ସକୁ ବ୍ୟବହାର କରାଯାଏ । ଏହି ବିନ୍ସକୁ ସିଝାଯାଇ ମୋଟା ପେଷ୍ଟ ତିଆରି କରାଯାଏ । ପରେ ସେଥିରେ ଚିନି ମିଶାଯାଏ । ଏହାର ସ୍ୱାଦ ସିଝା କନ୍ଦମୂଳ ପରି ଟିକେ ଲାଗେ । ଏହି ଆଇସକ୍ରିମ ବୁକେ ବିଭିନ୍ନ ରଙ୍ଗ ଓ ଫ୍ଲେଭରରେ ଉପଲବ୍ଧ ହୁଏ । ଗ୍ରାହକଙ୍କ ପସନ୍ଦ ଅନୁଯାଇ ଆଇସ୍‌କ୍ରିମ ବୁକେର ଫ୍ଲେଭର କରାଯାଏ । ଗୋଟେ ବୁକେ ଆଇସ୍‌କ୍ରିମର ମୂଲ୍ୟ ୧୧ ଡଲାର ।



# ବରଫ ନୌକା

ବରଫର ଅନେକ କଳାକୃତୀ ଦେଖିଥିବେ । ସେଗୁଡିକ ବେଶ୍ ଚମତ୍କାର ଲାଗେ । ହେଲେ ସେଗୁଡିକ କ'ଣ କିଛି କାମରେ ଲାଗେ ? ସମସ୍ତେ କହିବେ ବରଫର କଳାକୃତୀ ବା କି କାମରେ ଲାଗିପାରିବ । ତେବେ ବେଲାରୁସ୍‌ର ଜଣେ କଳାକାର ତିଆରି କରିଛନ୍ତି ବରଫର ଏମିତି ନୌକା, ଯାହାକି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ । ଅର୍ଥାତ୍ ସାଧାରଣ ନୌକା ପରି ଏହା ପାଣିରେ ଭାସି ଭାସି ଯାଇପାରେ । ଆଉ ସେଥିରେ ଜଣେ ଯାଇପାରିବେ । ଇଭାନ କର୍ପିତସ୍କି ନାମକ ଏହି କଳାକାର ଜଣକ ଏହି କଳା ପାଇଁ କେଉଁଠାରୁ ତାଲିମ ନେଇ ନାହାନ୍ତି । ପ୍ରଥମେ ସେ ୨୦୨୦ରେ ବରଫର ଏକ କାର୍ଯ୍ୟକ୍ଷମ ଭାଓଲିନ ତିଆରି କରି ଚର୍ଚ୍ଚାକୁ ଆସିଥିଲେ । ପରେ ଶୀତଦିନ ଆସିଲେ ବରଫର ଏମିତି କିଛି କାର୍ଯ୍ୟକ୍ଷମ କଳାକୃତୀ ତିଆରି କରିବାରେ ସେ ନିଜକୁ ପୁରା ନିୟୋଜିତ ରଖିଲେ । ଆଉ ଏବେ ସେ ତିଆରି କରିଛନ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ବରଫର ନୌକା । ଇଭାନ ଚାରିକୋଣିଆ ବରଫ ଖଣ୍ଡକୁ ପାଣିରେ ଯୋଡି ବିଭିନ୍ନ ହତିଆରରେ ତାକୁ ବିଭିନ୍ନ ଆକୃତି ଦେଇ ନୌକାଟିକୁ ତିଆରି କରିଛନ୍ତି । ତା'ସହ ବରଫ ପାଲଟିଥିବା ହ୍ରଦକୁ କାଟି ସେ ନୌକାର ତଳଭାଗ ତିଆରି କରିଛନ୍ତି । ସେ ଯେତେବେଳେ ଏହି ନୌକାରେ ଠିଆ ହୋଇ ତାକୁ ରୁଷର ନ୍ୟାନସ୍କୋ ରିଜରଭୋୟରରେ ଚଲାନ୍ତି ସେହି ଦୃଶ୍ୟ ଦେଖିବାକୁ ବେଶ୍ କୌତୁହଳମୟ ଲାଗେ ।